ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୧ ଫେବୃୟାରୀ, ୨୦୨୨

## ଚୋରା କାଠ ବୋଝେଇ ଗାଡ଼ି ଜବତ

ପଡିଆବାହାଲ, (ଡି.ଏନ.ଏ.): ସମ୍ବଲପୁର ଜିଲା ପଡିଆବାହାଲ ରେଞ୍ଜ ଅଞ୍ଚଳରେ ଗୁରୁବାର ବନ କର୍ମଚାରୀ ଚଢାଉ କରି ଏକ କାଠବୋଝେଇ ଗାଡ଼ି ଜବତ କରିଛନ୍ତି। ରେଞ୍ଜର ପବିତ୍ର ମୋହନ ମାଝିଙ୍କ ନିର୍ଦ୍ଦେଶ କ୍ରମେ ବନପାଳ ପ୍ରଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏହି ଚଢାଉ ହୋଇଥିଲା। ବନ କର୍ମଚାରୀ ଲିଟିମୁଣ୍ଡାଠାରେ ଏକ ଟାଟା ମ୍ୟାଜିକ (ଓଡ଼ି୨୩-୫୪୧୮) ଗାଡିରେ ବୋଝେଇ ହୋଇଥିବା ୧୨ ଖଣ୍ଡ ସାଇଜ୍ କାଠ ଗଣ୍ଡି ଜବତ କରିଛନ୍ତି। ବନ କର୍ମଚାରୀଙ୍କୁ ଦେଖି ଅଭିଯୁକ୍ତମାନେ ଗାଡି ଛାଡି ଫେରାର ହୋଇଯାଇଥିଲେ। ଏ ନେଇ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।



### ସଂକ୍ଷେପରେ

## ଝୁଝୁମୁରା ବ୍ଲକରେ ଭାଜପାର ପ୍ରଚାର

ସମ୍ବଲପୁର,୧୦।୨(ବ୍ୟୁରୋ): ରେଢ଼ାଖୋଲ ବିଧାନସଭା ନିବାଚନ ମଣ୍ଡଳୀ ଅନ୍ତର୍ଗତ ଝୁଝୁମୁରା ବ୍ଲକର ୨ନଂ. ଜିଲାପରିଷଦ ଜୋନ୍ ପ୍ରାର୍ଥୀ ଭାଜପାର କୈଳାସ ବାଗ୍‌ଙ୍କ ପାଇଁ ଦଳ ପକ୍ଷରୁ ଗୁରୁବାର ପ୍ରଚାର କରାଯାଇଥିଲା। ବେହେରାମାଲଠାରେ ଭାଜପା ଯୁବ ମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝିଙ୍କ ନେତୃତ୍ୱରେ ଏକ ବୈଠକ ହୋଇଥିଲା। ଏଥିରେ ପ୍ରାର୍ଥୀ ବାଗ୍‌ଙ୍କ ସମେତ ଭାଜପା ଜିଲା ସଭାପତି ଗିରିଶ ପଟେଲ, କୁଚିଣ୍ଡାର ପୂର୍ବତନ ବିଧାୟକ ତଥା ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ରବିନାରାୟଣ ନାୟକ, ରେଢ଼ାଖୋଲ ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଟାମ୍ପରଗଡ ସରପଞ୍ଚ ରତ୍ନାଦେବୀ ବେହେରା, ମେଘପାଳ ପଞ୍ଚାୟତ ସମିତି ସଭ୍ୟା ଝରଣା ନଏକ ଭାଜପାରେ ଯୋଗଦାନ କରିଥିଲେ।

## ଶ୍ରମିକ ନେତାଙ୍କ ବିୟୋଗରେ ଶୋକସଭା

ନାକଟିଦେଉଳ,୧୦।୨(ଡ଼ି.ଏନ.ଏ.): ବିଶିଷ୍ଟ ଶ୍ରମିକନେତା, ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ତଥା ହିନ୍ଦ୍ ମଜଦୁର ସଂଘର ସାଧାରଣ ସମ୍ପାଦକ ଯୋଗୀନ୍ଦ୍ର ତ୍ରିପାଠୀଙ୍କ ବିୟୋଗରେ ସଂଘର ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଶାଖା ପକ୍ଷରୁ ଶୋକ ପ୍ରକାଶ ପାଇଛି। ଗତ ୬ତାରିଖରେ ତାଙ୍କ ବିୟୋଗ ଘଟିଥିବା ବେଳେ ଗୁରୁବାର ସଂଘ ପକ୍ଷରୁ ବ୍ଲକର ସରାପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶୋକସଭା ଆୟୋଜିତ ହୋଇଥିଲା। ଏଥିରେ ନାକଟିଦେଉଳ ରେଞ୍ଜ ସମ୍ପାଦକ ଭିକାରୀ ଚରଣ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଯୋଗେନ୍ଦ୍ର ତ୍ରିପାଠୀଙ୍କ ବିୟୋଗ ସଂଘ ପାଇଁ ଅପୂରଣୀୟ କ୍ଷତି ବୋଲି ମତପ୍ରକାଶ ପାଇଥିଲା। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇ ଏକମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ହେଡ୍‌ଚେକର ଅଖୁଜ ପ୍ରଧାନ, କପିଳେଶ୍ୱର ଧଳ, ତ୍ରିନାଥ ସାହୁଙ୍କ ସମେତ ସମସ୍ତ ସିଜିନାଲ କର୍ମଚାରୀ ଉପସ୍ଥିତ ରହି ତାଙ୍କ ସ୍ମୃତିଚାରଣ କରିଥିଲେ।

## ବଲାଙ୍ଗୀର ଜିଲାରେ ବିଦ୍ୟୁତ୍ କାଟ ଆଜି

ସମ୍ବଲପୁର,୧୦।୨(ବ୍ୟୁରୋ): ଟିପିଡବ୍ଲ୍ୟୁଓଡିଏଲ୍ ବିଦ୍ୟୁତ୍ ଗ୍ରାହକମାନଙ୍କ ସମସ୍ୟା ଦୂର କରିବାକୁ ପ୍ରାଥମିକତା ଦେଇ ସବ୍‌ଷ୍ଟେଶନ ମରାମତି କାର୍ଯ୍ୟ କରୁଛି। ଏହି କ୍ରମରେ ଶୁକ୍ରବାର ଓପିଟିସିଏଲ୍‌ର ୧୩୨/୩୩ କେଭି ପାଟଣାଗଡ ଓ ପୁରୁଣା ବଲାଙ୍ଗୀର ସବ୍‌ଷ୍ଟେଶନରେ ବାର୍ଷିକ ମରାମତି କାର୍ଯ୍ୟ କରାଯିବ। ତେଣୁ ଟିଟିଲାଗଡ ବିଦ୍ୟୁତ୍ ଡିଭିଜନ ଅଧୀନ ପାଟଣାଗଡ, ଖପ୍ରାଖୋଲ, ଲାଠୋର, ବେଲପଡା, ଲରମ୍ବା, ଜରିଆ ଅଞ୍ଚଳରେ ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ସେହିପରି ବଲାଙ୍ଗୀର ବିଦ୍ୟୁତ୍ ଡିଭିଜନ ଅଧୀନସ୍ଥ ବଲାଙ୍ଗୀର ସହର, ଲୋଇସିଂହା ବ୍ଲକ, ବଲାଙ୍ଗୀର ସଦର ସବ୍‌ଡିଭିଜନ ୧ ଓ ୨ ଅନ୍ତର୍ଗତ ଲୋଇସିଂହା ଏବଂ ଚେରୁପାଲି ସେକ୍ସନ ଅଞ୍ଚଳରେ ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଗ୍ରାହକମାନେ ସହଯୋଗ କରିବାକୁ କମ୍ପାନୀର କର୍ପୋରେଟ କମ୍ୟୁନିକେଶନ ଏବଂ ସହକାରୀ ସମ୍ପର୍କ ଅଧିକାରୀ ମନୋଜ ପଟ୍ଟନାୟକ ପ୍ରେସ ବିବୃତ୍ତିରେ ଅନୁରୋଧ କରିଛନ୍ତି।

# ଭାଜପା-ବିଜେଡି କଡ଼ା ଟକ୍କର

### କୁଚିଣ୍ଡା ବ୍ଲକ ୧ନଂ. ଜିଲା ପରିଷଦ ଜୋନ୍

କୁଚିଣ୍ଡା,୧୦।୨(ଡି.ଏନ.ଏ.)

ଆସନ୍ତା ୨୪ ତାରିଖ ଅନ୍ତିମ ଚରଣରେ ସମ୍ବଲପୁର ଜିଲାର କୁଚିଣ୍ଡା ବ୍ଲକରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ଜିଲାପରିଷଦ ପାଇଁ ଏବେ ସମସ୍ତ ରାଜନୈତିକ ଦଳ ପକ୍ଷରୁ ପ୍ରଚାରକୁ ଜୋରଦାର କରାଯାଉଛି। ବ୍ଲକର ଜୋନ୍-୧ ଜିଲାପରିଷଦ ଆସନଟି ଅଣସଂରକ୍ଷିତ ରହିଥିବା ବେଳେ ମଇଦାନରେ ୩ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି। ବିଜେଡିରୁ ଅଜିତ ମହାପାତ୍ର, ଭାଜପାରୁ ରଶ୍ମିତା ପଟେଲ ଓ କଂଗ୍ରେସରୁ ଦିଲୀପ ପଟେଲ ଦଳୀୟ ଟିକଟରେ ନିର୍ବାଚନ ଲଢୁଛନ୍ତି।


ଅଜିତ ମହାପାତ୍ର


ରଶ୍ମିତା ପଟେଲ


ଦିଲୀପ ପଟେଲ।

୨୦୧୭ ପଞ୍ଚାୟତ ନିର୍ବାଚନରେ ଏହି ଆସନଟି ଭାଜପା ଖାତାକୁ ଯାଇଥିଲା। ଏଥର ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ରବି ନାରାୟଣ ନାଏକଙ୍କ ନେତୃତ୍ୱରେ ଭାଜପା ପ୍ରଚାରକୁ ଜୋରଦାର କରିଛି। କିଶୋର ଚନ୍ଦ୍ର ନାଏକ ଭାଜପା ଛାଡି ବିଜେଡିରେ ଯୋଗଦେଇ ବିଧାୟକ ହେବା ପରେ ମୁଖ୍ୟମନ୍ତ୍ରୀଙ୍କ ବିକାଶ ଧାରାର କଥା କହି ବିଜେଡି ପ୍ରାର୍ଥୀଙ୍କୁ ଜିତାଇବାକୁ ଉଦ୍ୟମ କରୁଛନ୍ତି। ଭାଜପା ଓ ବିଜେଡି ପ୍ରଚାରରେ ଆଗୁଆ ରହିଥିବା ବେଳେ କଂଗ୍ରେସ କିନ୍ତୁ ପଛରେ ରହିଥିବା ଦେଖିବାକୁ ମିଳୁଛି। ସମସ୍ତ ପ୍ରାର୍ଥୀ ଦଳୀୟ କର୍ମୀଙ୍କୁ ନେଇ ଘରଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ଏହି ଜୋନ୍‌ରେ ପାରୁଆଭାଡି, ଅର୍ଡାବାହାଲ, ବାଉରିଗୋଡା, ଖଣ୍ଡୋକଟା, ହାଡିପାଲି, କୁଟୁରାଚୁଆଁ, କୁଲେଇଗଡ, ଚନ୍ଦନିମାଲ ଓ ବକ୍ସମା ପଞ୍ଚାୟତର ୧୦୯ ଗୋଟି ୱାର୍ଡ ରହିଛି। ଏଥିରେ ସମୁଦାୟ ୨୭ ହଜାର ୭୪୦ ଭୋଟର ରହିଥିବା ବେଳେ ୧୩ ହଜାର ୭୨୫ ଜଣ ପୁରୁଷ ଓ ୧୪ ହଜାର ୧୫ଜଣ ମହିଳା ଭୋଟର ମତଦାନ କରିବେ।

# ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ଆରଡିସି

ସମ୍ବଲପୁର,୧୦।୨ (ବ୍ୟୁରୋ)

ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳେଇ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଚାଲିଥିବା ବିଭିନ୍ନ ରାସ୍ତା ଓ ପୋଲ କାମର ସମୀକ୍ଷା କରିଛନ୍ତି। ଆରଡିସିଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉମାକାନ୍ତ ରାଜ, ସଦର ଉପଜିଲାପାଳ ମୟୁର ସୂର୍ଯ୍ୟବଂଶୀ ବିକାଶ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଆରଡିସି ୩.୩୧ କୋଟିରେ ନିର୍ମିତ ହେଉଥିବା ବିଗ୍‌ବଜାର ବ୍ରିଜ ଉପରେ ସମୀକ୍ଷା କରିଛନ୍ତି। ଏହି କାମ ୩୦ ଜୁନ ସୁଦ୍ଧା ସାରିବା ନିମନ୍ତେ ପ୍ରସ୍ତାବ ରହିଛି। ସେହିପରି ଏସ୍‌ଇ -୧ ସମ୍ବଲପୁର ଅଧୀନରେ ଚାଲିଥିବା ଜେଟି -୨୬ ପ୍ରକଳ୍ପ, ଭୁତାପଡାରୁ ଧନକଉଡା ପର୍ଯ୍ୟନ୍ତ ଚାରିଲେନ ରାସ୍ତା, ଚାଉରପୁରରୁ ଘଣ୍ଟେଶ୍ୱରୀ ୧୧.୩୯୦ କି.ମି. ରାସ୍ତାର ଉନ୍ନତି, ଗୋଶାଳା-ମୁଣ୍ଡଘାଟ ରାସ୍ତାର ପାୱାର ଚାନେଲ ଉପରେ ନିର୍ମିତ ଏଚ୍‌ଏଲ୍ ବ୍ରିଜ, ବୁର୍ଲା ଟାଉନର ପେଟ୍ରୋଲ ପମ୍ପରୁ ଗୋପବନ୍ଧୁ ଛକ ପର୍ଯ୍ୟନ୍ତ ରାସ୍ତାର ଉନ୍ନତି, ଲକ୍ଷ୍ମୀ ଟକିଜ ଫ୍ଲାଏଓଭରର ସମୀକ୍ଷା କରିଛନ୍ତି। ପ୍ରକଳ୍ପ କାମ ତୁରନ୍ତ ସାରିବାକୁ ଆରଡିସି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ପୁଣି ଭାଜପା-ବିଜେଡି ମୁହାଁମୁହିଁ


ଶ୍ରୀପୁରା ଗ୍ରାମରେ ଭାଜପା ପ୍ରଚାରବେଳେ ଉଭୟ ଦଳର କର୍ମୀମାନେ ମୁହାଁମୁହିଁ ହୋଇଛନ୍ତି।

ଝାରସୁଗୁଡ଼ା ଅଫିସ,୧୦।୨

ନିର୍ବାଚନ ପ୍ରଚାର ବେଳେ ଗୁରୁବାର ଝାରସୁଗୁଡ଼ା ଜିଲାରେ ପୁଣି ଭାଜପା ଓ ବିଜେଡି କର୍ମୀ ମୁହାଁମୁହିଁ ହୋଇଛନ୍ତି। ଝାରସୁଗୁଡା ୨ନଂ ଜୋନ୍‌ରେ ଭାଜପା ଜିଲା ପରିଷଦ ପ୍ରାର୍ଥୀ ହେମରଞ୍ଜନ ସିଂହ ତାଙ୍କ ସମର୍ଥକଙ୍କ ସହିତ ଶ୍ରୀପୁରା ଗ୍ରାମରେ ପ୍ରଚାର ପାଇଁ ପହଞ୍ଚିଥିଲେ। ସେଠାରେ ବିଜେଡି କର୍ମୀମାନେ ଭାଜପାର ପ୍ରଚାର ଗାଡିକୁ ଅଟକାଇ ପଞ୍ଚାୟତ ବାହାର ଲୋକ ଗ୍ରାମରେ ପଚାର କରିପାରିବେ ନାହିଁ କହି ବିରୋଧ କରିଥିଲେ। ଫଳରେ ଉଭୟଙ୍କ ଦଳର କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ଖବରପାଇ ବଡମାଲ ଥାନା ଆଇଆଇସି ଅମିତାଭ ପଣ୍ଡା ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା କଲାପରେ ଗ୍ରାମରେ ଭାଜପା ପ୍ରାର୍ଥୀ ପ୍ରଚାର କରିଥିଲେ। ଏନେଇ ଉଭୟ ଗୋଷ୍ଠୀଙ୍କ ତରଫରୁ ଥାନାରେ କୌଣସି ଅଭିଯୋଗ ହୋଇନାହିଁବୋଲି ଆଇଆଇସି ଅମିତାଭ ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ ଗତ ୭ତାରିଖରେ ଲଇକେରା ବ୍ଲକ୍ ୧ନଂ ଜୋନ୍‌ରେ ଭାଜପା ଜିଲା ପରିଷଦ ପ୍ରାର୍ଥିନୀ ସବ୍ୟାସିନୀ ପ୍ରଧାନ ସମର୍ଥକଙ୍କ ସହ ବାରଗାଡ ଗ୍ରାମରେ ପ୍ରଚାର କରୁଥିବାବେଳେ ବିଜେଡି କର୍ମୀ ଗାଡି ଅଟକାଇ ବିରୋଧ କରିଥିଲେ। ଉଭୟ ଦଳର କର୍ମୀ ମୁହାଁମୁହିଁ ହୋଇଥିଲେ। ଲଇକେରା ଥାନା ପୋଲିସ ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା କରିଥିଲେ । ଉଭୟ ଗୋଷ୍ଠୀଙ୍କ ତରଫରୁ ଥାନାରେ ଅଭିଯୋଗ ପରେ ପୋଲିସ୍ ପୃଥକ୍ ମାମଲା ରୁଜୁ କରିଥିଲା।

# ଏସ୍‌ଏଚ୍‌ଜି ଗ୍ରୁପ୍‌କୁ ନେଇ ବିଜେଡିର ମାରାଥନ ବୈଠକ

ଝାରସୁଗୁଡ଼ା ଅଫିସ,୧୦।୨

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ଝାରସୁଗୁଡା ଜିଲାରେ ବିଭିନ୍ନ ରାଜନୈତିକ ଦଳ ତରଫରୁ ପ୍ରଚାର ଜୋର୍ ଧରିଛି। ଦଳୀୟ ନେତା ଓ କର୍ମୀମାନେ ନିଜ ଦଳର ପ୍ରାର୍ଥୀମାନଙ୍କୁ ନେଇ ଗାଁକୁ ଗାଁ ବୁଲି ଭୋଟ୍ ଭିକ୍ଷା କରୁଛନ୍ତି। ଏହି କ୍ରମରେ ବିଜେଡି ଜିଲାର ଏସ୍‌ଏଚ୍‌ଜି ଗ୍ରୁପ୍ ମହିଳାମାନଙ୍କୁ ନେଇ ମାରାଥନ ବୈଠକ ଜାରି ରଖିଛି। ଏହାର ଦାୟିତ୍ୱ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଝିଅ ଦୀପାଳି ଦାସ ନେଇଥିବାବେଳେ ଦଳୀୟ ନେତ୍ରୀବୃନ୍ଦ ତାଙ୍କୁ ସହଯୋଗ କରୁଛନ୍ତି। ଗତ ସୋମବାର ଲଖନପୁର ବ୍ଲକ୍ ୧ନଂ ଜୋନ୍‌ର ୧୯ଖଣ୍ଡ ମୌଜାରେ ଏସ୍‌ଏଚ୍‌ଜି ଗ୍ରୁପ୍ ମହିଳାଙ୍କୁ ନେଇ ଦୀପାଳି ବୈଠକ କରିଥିଲେ। ସେହିପରି ବୁଧବାର ଲଖନପୁର ୩ନଂ ଜୋନ୍‌ର ପିପିଲିକାନୀ ପଞ୍ଚାୟତରେ ଅନୁଷ୍ଠିତ ବୈଠକରେ ଏସ୍‌ଏଚ୍‌ଜି ଗ୍ରୁପର ସହସ୍ରାଧିକ ମହିଳା ଯୋଗଦେଇଥିଲେ।


ପିପିଲିକାନୀ ବୈଠକରେ ଏସ୍‌ଏଚ୍‌ଜି ମହିଳାଙ୍କ ସହ ଦୀପାଳି।

ଏଥିରେ ଦୀପାଳି ସରକାରଙ୍କ ନାରୀ ସଶକ୍ତୀକରଣ ଯୋଜନା ଉପରେ ଆଲୋଚନା କରିଥିଲେ। ଏସ୍‌ଏଚ୍‌ଜି ଗ୍ରୁପ୍‌କୁ ସରକାର ବିଭିନ୍ନ ସୁବିଧା ଯୋଗାଇ ଦେଉଛନ୍ତି। ଏହା ବଦଳରେ ଆମେ ଚଳିତ ନିର୍ବାଚନରେ ସରକାରଙ୍କ ହାତମୁଠାକୁ ଟାଣ କରିବା ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ବିଗତ ୫ବର୍ଷ ମଧ୍ୟରେ ଅଞ୍ଚଳରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ମହିଳାମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଦୀପାଳି ମହିଳାମାନଙ୍କୁ ବୁଝାଇ ନିଜ କାର୍ଯ୍ୟ ସୁଚାରୁ ରୂପେ କରିବା ପାଇଁ କହିଥିଲେ। ହେଲେ ଏସବୁ କାର୍ଯ୍ୟକ୍ରମରୁ ଗଣମାଧ୍ୟମକୁ ଦୂରେଇ ରଖାଯାଉଛି । ଯଦି କେହି ଗଣମାଧ୍ୟମ ପ୍ରତିନିଧି ପହଞ୍ଚିଯାଉଛନ୍ତି ସେମାନଙ୍କୁ ଫଟୋ କିମ୍ବା ଖବର ସଂଗ୍ରହ ପାଇଁ ବାରଣ କରାଯାଉଛି। ଦଳର ରଣକୌଶଳ କାଳେ ପଦାରେ ପଡିଯିବ ସେଥିପାଇଁ ଏଭଳି କରାଯାଉଥିବା ଚର୍ଚ୍ଚା ହେଉଛି ।

## ଜିଏମ୍‌ୟୁରେ ଇ-ଅଫିସ ପ୍ରକଳ୍ପ ଆରମ୍ଭ

ସମ୍ବଲପୁର,୧୦।୨(ବ୍ୟୁରୋ)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ଠାରେ ବୁଧବାର ଇ-ଅଫିସ ପ୍ରକଳ୍ପ ଆରମ୍ଭ ହୋଇଛି। ଏହା ସରକାରଙ୍କ ଇ-ଶାସନ ବ୍ୟବସ୍ଥାର ଏକ ଅଂଶ। ଦକ୍ଷତା, ମୂଲ୍ୟବୋଧ, ସମୟ ସଞ୍ଚୟ, ସ୍ୱଚ୍ଛତା ବଜାୟ ରଖିବାରେ ଏହା ବିଶ୍ୱବିଦ୍ୟାଳୟକୁ ସାହାଯ୍ୟ କରିବ । ପ୍ରଶାସନିକ କାର୍ଯ୍ୟ ପ୍ରଭାବଶାଳୀ ଓ ଶୀଘ୍ର ହେବ ବୋଲି ଜିଏମ୍‌ୟୁ କୁଳପତି ପ୍ରଫେସର ଏନ୍ ନାଗାରାଜୁ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କୁଳସଚିବ ଯୁଗଳେଶ୍ୱରୀ ଦାଶ, ଉପକୁଳସଚିବ ଡ. ଉମାଚରଣ ପତି, ପିଜି କାଉନସିଲ ଅଧକ୍ଷ ପ୍ରଫେସର ମୋହିନ ମହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ।

## ଜଳସେଚନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା

ସମ୍ବଲପୁର,୧୯।୨ (ବ୍ୟୁରୋ)

ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳେଇ ଗୁରୁବାର ଉତ୍ତରାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଜଳସେଚନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଆରଡିସିଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ କେନ୍ଦୁଝର ଜଳସେଚନ ପ୍ରକଳ୍ପ, ଆନନ୍ଦପୁର ବ୍ୟାରେଜ, ରେଙ୍ଗାଲି ବାମ ଜଳସେଚନ ପ୍ରକଳ୍ପ, ରେଙ୍ଗାଲି ଡାହାଣ କେନାଲ ସିଷ୍ଟମ ଢେଙ୍କାନାଳ, ଅତିରିକ୍ତ ହୀରାକୁଦ ଡ୍ୟାମ ସ୍ପିଲ ୱାଲ ପ୍ରକଳ୍ପ ସମୀକ୍ଷା କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା ଜନସାଧାରଣଙ୍କ ଥଇଥାନକୁ ଗୁରୁତ୍ୱ ଦେବା ସହ ପ୍ରକଳ୍ପ କାମ ନିର୍ଦ୍ଧାରିତ ସମୟରେ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଚିବ ଭିନସେଣ୍ଟ ପୁନମକାନ୍ତ ଏକ୍କା, ପ୍ରତିଷ୍ଠାନ ଅଧିକାରୀ ସଞ୍ଜୀବ ମିଶ୍ର, ଉପ ବିଭାଗୀୟ ଅଧିକାରୀ ପରେଶ କୁମାର ମିଶ୍ରଙ୍କ ସମେତ ପ୍ରକଳ୍ପରେ ଜଡିତ ସମସ୍ତ ଭୂ-ଅର୍ଜନ ଅଧିକାରୀ, ପ୍ରକଳ୍ପ ନିର୍ଦ୍ଦେଶକ ଉପସ୍ଥିତ ଥିଲେ।

# ଠିକା କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ


କୋଇଲା ଖଣି ପରିସର ଠିକାସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀଙ୍କ ଧାରଣା।

ଝାରସୁଗୁଡ଼ା ଅଫିସ,୧୦।୨

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍)ଲଖନପୁର କ୍ଷେତ୍ରାଧୀନ ବେଲପାହାଡ ଖୋଲାମୁହଁ କୋଇଲା ଖଣିରୁ ମାଟି ଉଠାଇବା କାର୍ଯ୍ୟରେ ମେସର୍ସ ରାଧେଶ୍ୟାମ ଅଗ୍ରୱାଲ ନାମକ ଠିକାସଂସ୍ଥା ନିୟୋଜିତ ହୋଇଛି। ଏହି ଠିକାସଂସ୍ଥାରେ କାର୍ଯ୍ୟ କରୁଥିବା ଖଣି ସଂଲଗ୍ନ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଜୋରାବଗା ଗ୍ରାମବାସୀ ୯ଦଫା ଦାବିନେଇ ଗତ ୨୭ତାରିଖରେ ଠିକାସଂସ୍ଥା, ଖଣି କର୍ତ୍ତୃପକ୍ଷ, ଜିଲାପାଳ,ଏସ୍‌ପି ଓ ସ୍ଥାନୀୟ ପୋଲିସକୁ ଲିଖିତଭାବେ ଜଣାଇଥିଲେ। ୨ସପ୍ତାହ ମଧ୍ୟରେ ଦାବି ପୂରଣ ନ ହେଲେ ୧୦ତାରିଖରୁ ଆନ୍ଦୋଳନ କରାଯିବ ବୋଲି କର୍ମଚାରୀମାନେ ଚେତାବନୀ ଦେଇଥିଲେ। ତଦନୁଯାୟୀ ସେମାନେ ଗୁରୁବାର ସକାଳ ୮ଟାରୁ ଠିକାସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଖବରପାଇ ବିଓସିଏମ୍ ଖଣି ପ୍ରକଳ୍ପ ଅଧିକାରୀ ସତ୍ୟଭୂଷଣ ବାରିକ, ଠିକାସଂସ୍ଥା ମ୍ୟାନେଜର ନିଶାନ୍ତ ମୋଦି, ପ୍ରକଳ୍ପ ମ୍ୟାନେଜର କମ୍ଳେଶ ରାୟ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ୧୦ଦିନ ସମୟ ମାଗିଥିଲେ । ହେଲେ ଏହାକୁ ସେମାନେ ଅଗ୍ରାହ୍ୟକରି ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଧାରଣା ଜାରି ରଖିବେ ବୋଲି କହିଥିଲେ। ଧାରଣାରେ କର୍ମଚାରୀ ଦୁଃଖବନ୍ଧୁ ପାନ, ଜଗଦୀଶ ଛଆଣ, ଅନନ୍ତ ବିଶ୍ୱାଳ, ଅନୁପ ବିଶ୍ୱାଳ, ନିତେଶ ବିଶ୍ୱାଳ, ଶିବା ସିଂହ, ରୋହିତ ସା ପ୍ରମୁଖ କର୍ମଚାରୀ ସାମିଲ ହୋଇଛନ୍ତି। ପ୍ରମୁଖ ଦାବି ମଧ୍ୟରେ ହାଇପାୱାର କମିଟିର ନିର୍ଦ୍ଧାରିତ ଦୈନିକ ମଜୁରି, ସିଏମ୍‌ପିଏଫ୍ ଲାଗୁ, ନିଯୁକ୍ତିପତ୍ର ଓ ପରିଚୟ ପତ୍ର ପ୍ରଦାନ, ମେଡିକାଲ୍ ସୁବିଧା, ଜୀବନବୀମା, ସପ୍ତାହରେ ୧ଦିନ ଛୁଟି, ଦୈନିକ କାର୍ଯ୍ୟ କରିବା ସମୟ ୮ଘଣ୍ଟା, ନିଃଶୁଳ୍କ ସୁରକ୍ଷା ସାମଗ୍ରୀ ପ୍ରଦାନ ଆଦି ଅନ୍ୟତମ।

# ଫାଇଲେରିଆ ଔଷଧ ସେବନ ଆରମ୍ଭ

ଝାରସୁଗୁଡ଼ା ଅଫିସ,୧୦।୨

ଝାରସୁଗୁଡା ଜିଲାକୁ ଫାଇଲେରିଆ ମୁକ୍ତ ପାଇଁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଗୁରୁବାର ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ଆସନ୍ତା ୧୯ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀ ଓ ସ୍ୱେଚ୍ଛାସେବୀ ସାମିଲହୋଇ ଘରକୁଘର ବୁଲି ଔଷଧ ସେବନ କରାଇବେ। ଏହାକୁ ଗର୍ଭବତୀ ଓ ୨ବର୍ଷରୁ କମ୍ ଶିଶୁ ସେବନ ପାଇଁ ବାରଣ ରହିଛି। ଏହି କାର୍ଯ୍ୟକ୍ରମକୁ ଜିଲାପାଳ ସରୋଜ କୁମାର ସାମଲ ଗୁରୁବାର ଝାରସୁଗୁଡା ପୌରାଞ୍ଚଳ ବଡେଇମୁଣ୍ଡାଠାରେ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମକୁ ଜିଲା ଭେକ୍ଟରବାହିତ ରୋଗ ପରାମର୍ଶଦାତା ବିରାଟ ରାଜା ପ୍ରଧାନ ପରିଚାଳନା କରିଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମଧୁଲିତା ସାହୁ, ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନର ଆଞ୍ଚଳିକ ପ୍ରତିନିଧି ଶ୍ୟାମବନ୍ଧୁ ରଥ, ଶୁଭକାନ୍ତ ପଣ୍ଡା, ରୋହିଦାସ ମଧେଇ, ମଳୟ ରଞ୍ଜନ ପାଣିଗ୍ରାହୀ ପ୍ରମୁଖ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଯୋଗଦେଇଥିଲେ।

# ରୋଟାରି ହକି ଏକାଡେମୀର ଯୋଗ ଶିବିର

ସମ୍ବଲପୁର,୧୦।୨(ବ୍ୟୁରୋ)

ରୋଟାରୀ ହକି ଏକାଡେମୀ ପକ୍ଷରୁ ସମ୍ବଲପୁର ମହାନଗର ନିଗମ ଚନ୍ଦନନଗରସ୍ଥିତ ଗୋପାଳଜୀ ସଂସ୍କୃତ ବିଦ୍ୟାଳୟ ପଡିଆଠାରେ ଯୋଗ ଶିବିର ଆରମ୍ଭ ହୋଇଛି। ଜିତେନ୍ଦ୍ର କୁମାର ଶର୍ମାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ପତଞ୍ଜଳି ଯୋଗ ସମିତି ରାଜ୍ୟ ପ୍ରଭାରୀ ତଥା ପ୍ରଶିକ୍ଷିକା ଜେ ଗିରିଜା ଦେବୀ ହକି ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହା ତିନିଦିନ ଧରି ଚାଲିବ।

## ସୋମନାଥ ବାବା ମନ୍ଦିର ଟ୍ରଷ୍ଟ ବୋର୍ଡ ଗଠିତ


ଡ. ବିଜୟ କୁମାର ପ୍ରଧାନ

ସମ୍ବଲପୁର,୧୦।୨(ବ୍ୟୁରୋ)

ସମ୍ବଲପୁର ବାଲିବନ୍ଧାସ୍ଥିତ ଶ୍ରୀ ଶ୍ରୀ ସୋମନାଥ ବାବା ମନ୍ଦି ଟ୍ରଷ୍ଟ ବୋର୍ଡ କମିଟି ଗୁରୁବାର ଗଠନ କରାଯାଇଛି। ପୁରୁଣା ଟ୍ରଷ୍ଟି ନିହାର ରଞ୍ଜନ ବହିଦାର ନୂତନ ଟ୍ରଷ୍ଟ ବୋର୍ଡ କମିଟିକୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ନବ ଗଠିତ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ଭାବେ ଶିକ୍ଷାବିତ୍ ଡ. ବିଜୟ କୁମାର ପ୍ରଧାନଙ୍କୁ ମନୋନୀତ କରାଯାଇଛି। ସେହିପରି ଲୋକନାଥ ପାଣ୍ଡେ, କୈଳାସ ଚନ୍ଦ୍ର ମିସ୍ତ୍ରି, ସଞ୍ଜୟ ମିଶ୍ର, ସଞ୍ଜୟ ବେହେରା, ଡ. ରମେଶ ସାହୁ, ପ୍ରଦୀପ କୁମାର ପ୍ରଧାନ, ମନୋରଞ୍ଜନ ପ୍ରଧାନ ନୂତନ ସଭ୍ୟ ଭାବେ ଦାୟିତ୍ୱ ଗ୍ରହଣ କରଛନ୍ତି। ପୂର୍ବତନ ଟ୍ରଷ୍ଟ ବୋର୍ଡ ସଭ୍ୟ ଶିବନାରାୟଣ ଶତପଥି ସମସ୍ତଙ୍କୁ ସ୍ୱାଗତ କରିଥିଲେ।

# ଅଭିନବ ଢଙ୍ଗରେ ପ୍ରାର୍ଥୀଙ୍କ ପ୍ରଚାର


ଜିଅନ୍ତା ମାଛ ଧରି ପ୍ରଚାର କରୁଛନ୍ତି ପ୍ରାର୍ଥୀ।

କୁଚିଣ୍ଡା,୧୦।୨(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଖଣ୍ଡୋକଟା ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟା ପ୍ରାର୍ଥିନୀ ଅଭିନବ ଉପାୟରେ ନିର୍ବାଚନ ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ସରପଞ୍ଚ ପ୍ରାର୍ଥିନୀ ହେମାଲି ମାଝି ଜିଅନ୍ତା ମାଛ ଧରି ପ୍ରଚାର କରୁଥିବା ବେଳେ ସମିତିସଭ୍ୟା ପ୍ରାର୍ଥିନୀ ରଶ୍ମିତା ନାଏକ କେଟିଲି ଧରି ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ଏହି ମହିଳା ପ୍ରାର୍ଥିନୀମାନଙ୍କୁ ସମର୍ଥନ କରି ପ୍ରତ୍ୟେକ ଗ୍ରାମର ମହିଳା ଓ ପୁରୁଷ ସ୍ୱତଃସ୍ଫୂର୍ତ୍ତ ଭାବେ ବାହାରି ପ୍ରଚାରରେ ସାମିଲ ହେଉଥିବାରୁ ଅଞ୍ଚଳରେ ଏକ ଭିନ୍ନ ବାତାବରଣ ସୃଷ୍ଟି ହେଉଛି।

# ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ପାଇଁ ପ୍ରୟାସ

### ଉଜ୍ଜଳପୁର ବନାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ

ସୁନ୍ଦରଗଡ଼,୧୦।୨ (ଡି.ଏନ୍.ଏ.)

ସୁନ୍ଦରଗଡ଼ ବନଖଣ୍ଡ ଅନ୍ତର୍ଗତ ଉଜ୍ଜଳପୁର ବନାଞ୍ଚଳର ବିଭିନ୍ନ ଗ୍ରାମରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ନିମନ୍ତେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ଉଜ୍ଜଳପୁର ବନାଞ୍ଚଳ ଅନ୍ତର୍ଗତ ନୂଆଁଡିହି ସେକ୍ସନର ସାଗରପାଲି ଓ ଝୁରିମାଲ ବନସୁରକ୍ଷା ସମିତିରେ ସଚେତନତା ସଭା ଓ ପଦଯାତ୍ରାର ଆୟୋଜନ କରାଯାଇଥିଲା। ଉଜ୍ଜଳପୁର ବନାଞ୍ଚଳ ଅଧିକାରୀ ସଂଗ୍ରାମ କେଶରୀ ମଣିହୀରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମୂହିକ ସହଭାଗିତା ଓ ଗୋଷ୍ଠୀ ସଚେତନତା ଦ୍ୱାରା ହିଁ ଜଙ୍ଗଲ ନିଆଁକୁ ରୋକାଯାଇ ପାରିବ ବୋଲି ପ୍ରକାଶ କରିଥିଲେ। ଏଥି ନିମନ୍ତେ ସମସ୍ତେ ଏକତାବଦ୍ଧ ହୋଇ ଆମର ଜାତୀୟ ସମ୍ପତ୍ତିକୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ -୨ର ଟିମ୍ ଲିଡର ଦିଗାମ୍ବର ଉପାଧ୍ୟାୟ ଉଭୟ ସାଗରପାଲି ଓ ଝୁରିମାଲ ବନ ସୁରକ୍ଷା ସମିତିରେ ସଭା ପରିଚାଳନା କରି ମହୁଲଫୁଲ ସଂଗ୍ରହ ସମୟରେ ନିୟନ୍ତ୍ରଣମୂଳକ ନିଆଁ ଲଗାଇ ନିଜ ଉପସ୍ଥିତିରେ ଗାତ ଖୋଳି ଶୁଖିଲା ପତ୍ର ପୋଡିବା ନିମନ୍ତେ ପରାମର୍ଶ ଦେଇଥିଲେ। ଏଥିସହିତ ଧାନ ବିଲରେ ତଥା ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ କୌଣସି ପ୍ରକାର ନିଆଁ ନ ଲଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ସଂଯୋଜକ ରାଜେଶ ମହାପାତ୍ର ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ନିମନ୍ତେ ସମସ୍ତଙ୍କୁ ଶପଥପାଠ କରାଇଥିଲେ। ବନପାଳ ତୃଷ୍ଣା ନାଏକ ଜଙ୍ଗଲ ସହିତ ସମଗ୍ର ଜୀବଜଗତର ନିର୍ଭରଶୀଳତା, ଜଳବାୟୁ ପରିବର୍ତ୍ତନ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସାଗରପାଲି ଓ ଝୁରୀମାଲ ବନସୁରକ୍ଷା ସମିତି ପକ୍ଷରୁ ଏକ ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ସହଯୋଗୀ ଅନୁଷ୍ଠାନ ସେବକର ଉନ୍ନୟନ ଅଧିକାରୀ ମନୋରଞ୍ଜନ ମଲ୍ଲିକ ଆୟୋଜନ କରିଥିଲେ। ବନରକ୍ଷୀ ତୃପ୍ତିମୟୀ ନାଏକ, ଅନୁସୂୟା ସେଠ୍ ଓ ସଂଯୋଜକ ସବ୍ୟସାଚୀ ରଥ ସହଯୋଗ କରିଥିଲେ।


ସଚେତନତା କାର୍ଯ୍ୟକ୍ରମରେ ବନ କର୍ମଚାରୀ ଓ ବନ ସୁରକ୍ଷା ସମିତି କର୍ମକର୍ତ୍ତା।

## ବାଇକ୍ ଜବତ, ଜଣେ ଗିରଫ

ରାଉରକେଲା ଅଫିସ: ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗରେ ବ୍ରାହ୍ମଣୀତରଙ୍ଗ ପୋଲିସ ବାଇକ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ଗିରଫ ବାଇକ ଚାଳକ ହେଲେ ବଡ଼ଦଲକି ଅଞ୍ଚଳର ଭୋଜୁ ଓରାମ(୨୮)। ତାଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଭାଲୁପତ୍ରା ଟିକଟମାଟିର ରାଜରାମ ମଣ୍ଡଳ(୩୫) ଟିକଟମାଟି ଛକରେ ଥିବା ପିହୁ ଟ୍ରେଡର୍ସରେ କାମ କରନ୍ତି। ବୁଧବାର ସନ୍ଧ୍ୟା ସାଢ଼େ ୬ଟାରେ ସେ ଚା' ପିଇବା ପାଇଁ ରାସ୍ତା ପାରି ହେଉଥିବାବେଳେ ତାଙ୍କୁ ଉକ୍ତ ବାଇକ୍ (ନଂ.ଓଡି୧୪ଟି/୩୧୪୭) ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାର ତଦନ୍ତ କରି ବଡଦଲକି ଅଞ୍ଚଳରୁ ବାଇକ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଥିଲା।

## ସଂକ୍ଷେପରେ

### ଚୋରି ବେଳେ ଧରାପଡ଼ିଲେ ଯୁବକ

ରାଉରକେଲା ଅଫିସ,୧୦।୨: ରାଉରକେଲା ଇସ୍ପାତ କାରଖାନାରୁ ପିଗ୍ ଆଇରନ ଚୋରି ଅଭିଯୋଗରେ ଟାଙ୍ଗରପାଲି ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମହତାବ ରୋଡ ଅଞ୍ଚଳର ଏମ୍‌ଡ଼ି. ରସିଦ ଆଲ୍ଲାମ(୨୩)। ତାଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୨/୨୨) ରୁଜୁ କରିଛି। ବୁଧବାର ବିଳମ୍ବିତ ରାତିରେ ମହତାବ ରୋଡ ଅଞ୍ଚଳର ରସିଦ ବଣାଇ ଗେଟ୍ ସମ୍ମୁଖ ଆରଏସ୍‌ପି ପାଚେରି ଡେଇଁ ଭିତରକୁ ପଶିଥିଲେ। ସେ କାରଖାନାର ଡମ୍ପିଂ ୟାର୍ଡରୁ ୪୦ କେଜି ପିଗ୍ ଆଇରନ ଚୋରି କରୁଥିବାବେଳେ ସିଆଇଏସ୍‌ଏଫ୍ ଯବାନ ତାଙ୍କୁ ଧରି ପୋଲିସ ଜିମା ଦେଇଥିଲେ।

### ଡମ୍ଫର ଧକ୍କାରେ ଓଲଟିଲା ବୋଲେରୋ, ବର୍ତ୍ତିଲେ ୭ ଯାତ୍ରୀ

ଲୋଇସିଂହା,୧୦।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଛକରେ ବୁଧବାର ବିଳମ୍ବିତ ରାତିରେ ବେଦାନ୍ତ କମ୍ପାନୀର ଡମ୍ଫର ଧକ୍କାରେ ଏକ ବୋଲେରୋ ଓଲଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୭ଜଣ ଯାତ୍ରୀ ଆହତ ହୋଇଛନ୍ତି। ଲୋଇସିଂହା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଆହତମାନଙ୍କୁ ସେମାନଙ୍କ ଘରକୁ ପଠାଇ ଦିଆଯାଇଛି। ଆହତ ଯାତ୍ରୀମାନେ ଲୋଇସିଂହାର ବୋଲି ଜଣାପଡିଛି। ସୂଚନାମତେ ଲୋଇସିଂହାର ୧୦ଜଣ ଯାତ୍ରୀ ବୋଲେରୋ(ଓଆର୦୩ଜି ୬୯୭୬)ରେ ପୁଇଁତଲା ଥାନା ରଣ୍ଡା ଗ୍ରାମରେ ଏକ ବିବାହରେ ଯୋଗଦେଇ ବିଳମ୍ବିତ ରାତିରେ ଘରକୁ ଫେରୁଥିଲେ। ଗ୍ୟାରେଜ ଛକରେ ୨ଜଣଙ୍କୁ ଓହ୍ଲାଇଲା ପରେ ବ୍ଲକ ଛକରେ ଜଣେ ଓହ୍ଲାଇଥିଲେ। ଏହି ସମୟରେ ବଲାଙ୍ଗୀର ପଟରୁ ଆସୁଥିବା ଡମ୍ଫର ପଛପଟୁ ଧକ୍କା ଦେଇ ଦ୍ରୁତଗତିରେ ପଳାଇଥିଲା। ଧକ୍କା ଏତେ ଏତେ ଜୋରରେ ଥିଲା ଯେ ବୋଲେରୋର ଉପରମୁହାଁ ହୋଇ ଓଲଟି ପଡିଥିଲା। ଫଳରେ ଗାଡିରେ ଥିବା ୭ଜଣ ଯାକ ଗାଡି ଭିତରେ ରହିଯାଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନରେ ଭର୍ତ୍ତି କରିଥିଲେ।

# ମତଦାନ ପାଇଁ ଜିଲାରେ ୩,୬୨୩ ବୁଥ୍

ସୁନ୍ଦରଗଡ଼,୧୦।୨(ଡି.ଏନ.ଏ.)



ଖବରଦାତା ସମ୍ମିଳନୀରେ ଜିଲାପାଳଙ୍କ ସହ ଅନ୍ୟମାନେ।

ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ସୁନ୍ଦରଗଡ଼ ଜିଲାରେ ଶାନ୍ତିଶୃଙ୍ଖଳାର ସହ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିଚାଳନା କରିବା ପାଇଁ ପ୍ରଶାସନ ପ୍ରସ୍ତୁତ ରହିଛି। ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବା ଲାଗି ବିଭିନ୍ନ ପଦକ୍ଷେପ ନିଆଯାଉଥିବା ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ନିଖିଲ ପବନ କଲ୍ୟାଣ ଗୁରୁବାର ସ୍ଥାନୀୟ ସଦ ଭାବନା ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଜିଲାପାଳ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବୁଥ ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି। ସମ୍ବେଦନଶୀଳ ଏବଂ ଅତି ସମ୍ବେଦନଶୀଳ ବୁଥରେ ଠିକ ଭାବେ କିପରି ନିର୍ବାଚନ ପରିଚାଳନା କରାଯିବ ସେଥିପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଏନେଇ ଜିଲାର ସମସ୍ତ ୧୭ଟି ଯାକ ବ୍ଲକରେ ପ୍ରିଜାଇଡିଙ୍ଗ ଅଫିସର, ପୋଲିଂ ଅଫିସରଙ୍କ ସହିତ ଅନ୍ୟ କର୍ମଚାରୀଙ୍କୁ ପର୍ଯ୍ୟାୟକ୍ରମେ ତାଲିମ ଦିଆଯାଉଛି। ସୁନ୍ଦରଗଡ଼ ଜିଲାରେ ମୋଟ ୩ ହଜାର ୬୨୩ଟି ବୁଥ କରାଯାଇଛି। ସେଥିମଧ୍ୟରୁ ୧ ହଜାର ୬୯୮ଟି ସମ୍ବେଦନଶୀଳ ବୁଥ ରହିଥିବା ବେଳେ ୪୨୭ଟି ଅତି ସମ୍ବେଦନଶୀଳ ବୁଥ ଚିହ୍ନଟ କରାଯାଇଛି। ଏହି ସବୁ ବୁଥରେ ସୁରକ୍ଷା ବ୍ୟବସ୍ଥା କଡ଼ା କରାଯିବା ସହ ମତଦାନ କେନ୍ଦ୍ରରେ ଭିଡିଓଗ୍ରାଫି ଓ ଫୋଟୋଗ୍ରାଫି କରିବାର ବ୍ୟବସ୍ଥା କରାଯିବ। ମହିଳା ଭୋଟରଙ୍କ ପାଇଁ କେତୋଟି ସ୍ଥାନରେ ସ୍ୱତନ୍ତ୍ର ବୁଥ କରାଯାଉଥିବା ଜିଲାପାଳ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, କୋଭିଡ ଗାଇଡଲାଇନ ଭିତରେ ଏଥର ପଞ୍ଚାୟତ ନିର୍ବାଚନ ପରିଚାଳନା କରାଯିବ। ଏଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ନିର୍ବାଚନ ପ୍ରକ୍ରିୟାରେ ଭାଗ ନେବାକୁ ଥିବା ସମସ୍ତ ପ୍ରିଜାଇଡିଙ୍ଗ ଅଫିସର, ପୋଲିଂ ଅଫିସରଙ୍କ ସହିତ ଅନ୍ୟ କର୍ମଚାରୀଙ୍କୁ ପ୍ରିକସନ ବା ବୁଷ୍ଟର ଡୋଜ ଦିଆଯାଉଛି। ମତଦାନ ଏବଂ ଭୋଟ ଗଣତି ବେଳେ ମଧ୍ୟ କୋଭିଡ ନିୟମକୁ ପାଳନ କରାଯିବ। ପଞ୍ଚାୟତ ନିର୍ବାଚନ ପାଇଁ ସୁନ୍ଦରଗଡ଼ ଜିଲାରେ ଆବଶ୍ୟକ ବାଲାଟ ପେପର, ଭୋଟ ବାକ୍ସ ସହିତ ବିଭିନ୍ନ ଉପକରଣ ପହଞ୍ଚି ଯାଇଛି। ଏସବୁ ଜିଲାର ବିଭିନ୍ନ ବ୍ଲକରେ କରାଯାଇଥିବା ଷ୍ଟ୍ରଙ୍ଗରୁମଗୁଡ଼ିକୁ ସୁରକ୍ଷିତ ଭାବେ ରଖାଯାଇଛି। ମତଦାନ ପୂର୍ବରୁ ବିଭିନ୍ନ ବୁଥକୁ ଏସବୁ ପଠାଇବାର ବ୍ୟବସ୍ଥା କରାଯିବ ବୋଲି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ନିଖିଲ ପବନ କଲ୍ୟାଣ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲାପାଳଙ୍କ ସହିତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ, ଜିଲା ପଞ୍ଚାୟତ ଅଧିକାରୀ କୃଷ୍ଣଚନ୍ଦ୍ର ଅଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ପ୍ରମୁଖ ଉପସ୍ଥିତ ଥିଲେ। ଖବରଦାତା ସମ୍ମିଳନୀ ପୂର୍ବରୁ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳଙ୍କ ସହିତ ସୁନ୍ଦରଗଡ଼ ଉପଖଣ୍ଡ ପାଇଁ ନିୟୋଜିତ ନିର୍ବାଚନ ପର୍ଯ୍ୟବେକ୍ଷକ ତଥା ପୂର୍ତ୍ତ ବିଭାଗର ସ୍ୱତନ୍ତ୍ର ସଚିବ ଦିଲ୍ଲୀପ କୁମାର ରାୟ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା ପାଇଁ ଏହି ବୈଠକରେ ଆଲୋଚନା ହୋଇଥିଲା।

**ଶାନ୍ତିଶୃଙ୍ଖଳାର ସହ ପଞ୍ଚାୟତ ନିର୍ବାଚନପ୍ରକ୍ରିୟାରେ ଭାଗ ନେବାକୁ ଅନୁରୋଧ କଲେ ଜିଲାପାଳ**

### ଚୋରା କୋଇଲା ବୋଝେଇ ଟ୍ରକ୍ ଜବତ, ୨ଗିରଫ

ସୁନ୍ଦରଗଡ଼,୧୦।୨(ଡି.ଏନ୍.ଏ.)

ଚୋରା କୋଇଲା ବୋଝେଇ ଏକ ଟ୍ରକକୁ ସୁନ୍ଦରଗଡ଼ ଟାଉନ ଥାନା ପୋଲିସ ଜବତ କରିଛି। ଏହା ସହ ୨ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଜବତ କୋଇଲା ବୋଝେଇ ଟ୍ରକ ନଂ.ଓଆର ୧୬ଡି ୧୩୫୮ କୋଇଲାର ଆନୁମାନିକ ମୂଲ୍ୟ ପ୍ରାୟ ୫ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଟ୍ରକ କୋଇଲା ବୋଝେଇ କରି କୁତ୍ରାରୁ ସୁନ୍ଦରଗଡ଼ର କୌଣସି ଏକ ଇଟାଭାଟିକୁ ଯାଉଥିବା ସୂଚନା ପାଇ ଟାଉନଥାନା ପୋଲିସ ବୁଧବାର ସନ୍ଧ୍ୟାରେ ଭୋଜପୁର ନିକଟରୁ ଟ୍ରକଟିକୁ ଜବତ କରିଥିଲା। ଗାଡି ଚାଳକ ଲିଟିବେଡାର ଛାମୁ ଧନୱାର ଓ କୋଇଲା କ୍ରେତା ସୁନ୍ଦରଗଡ଼ ପତ୍ରାପଡାର ସୂର୍ଯ୍ୟମଣି ରାଉତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ପରିବାର ନିକଟରେ ପହଞ୍ଚିଲା ଜିଲା ପ୍ରଶାସନ

ଦେବଗଡ଼,୧୦।୨(ଡି.ଏନ.ଏ)



ଅଧିକାରୀମାନେ ମୃତକଙ୍କ ପରିବାର ଲୋକଙ୍କୁ ଭେଟୁଛନ୍ତି।

ଜାତିସମାଜର ପାଣ୍ଠିରୁ ନେଇଥିବା କରଜ ଟଙ୍କା ପରିଶୋଧ କରି ନ ପାରିବାରୁ ସମାଜ ଲୋକେ ମୃତଦେହ ନ ଛୁଇଁବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ମୃତକଙ୍କ ପରିବାର ନିକଟରେ ପହଞ୍ଚିଛି ଜିଲା ପ୍ରଶାସନ। ଦେବଗଡ଼ ଜିଲା ମଙ୍ଗଳ ଅଧିକାରୀ ଡୋମିନିକ ଟପ୍ପୋ ମୃତ ସୋମା ହେମ୍ବ୍ରମଙ୍କ ଘରକୁ ଯାଇ ଘଟଣାର ତଦନ୍ତ ଆରମ୍ଭ କରିବା ସହ ସମାଜର ସଭାପତି, ସମ୍ପାଦକଙ୍କୁ ଡାକି ପଚରାଉଚରା କରିଥିବା ଜଣାପଡିଛି। ପଚରାଉଚରା ସମୟରେ ମୃତ ସୋମାଙ୍କ ସ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ ନିକଟରୁ କରଜ ବାବଦୀୟ ଅର୍ଥ ସମେତ ମୂଳ, ସୁଧ ଏବଂ ଜରିମାନା ବାବଦକୁ ଅର୍ଥ ଆଦାୟ କରିଥିବା ଉଭୟେ ସ୍ୱୀକାର କରିଥିବା ଜଣାପଡିଛି। ସେହିପରି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧିର କୁମାର ନଈ ମଧ୍ୟ ତାଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ଆଶ୍ୱାସନା ଦେବାସହ ଜାତୀୟ ପରିବାର ମଙ୍ଗଳ ଯୋଜନାରୁ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ଏବଂ ସୋମାଙ୍କ ବିଧବା ସ୍ତ୍ରୀଙ୍କୁ ଭତ୍ତା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ତେବେ ବର୍ତ୍ତମାନ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ନିର୍ବାଚନ ପ୍ରକ୍ରିୟା ପରେ ଏହା ପ୍ରଦାନ କରାଯିବ ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନଈ ପ୍ରକାଶ କରିଛନ୍ତି। ପ୍ରାୟ ୧୯ ବର୍ଷ ପୂର୍ବେ ବିଜୟନଗର ପଣଷକୁଦର ଗ୍ରାମର ସୋମା ହେମ୍ବ୍ରମ ଅର୍ଥାଭାବ ଯୋଗୁ ପରିବାର ଚଳାଇବା ପାଇଁ ସମାଜ ପାଣ୍ଠିରୁ ୪୦୦ ଟଙ୍କା ଧାର ନେଇଥିଲେ। ମାତ୍ର ଧାର ଟଙ୍କା ପରିଶୋଧ କରି ନ ପାରିବାରୁ ସମାଜ ଲୋକେ ତାଙ୍କ ଉପରେ କ୍ଷୁବ୍ଧ ହୋଇପଡିଥିଲେ। ଗତ ସୋମବାର ରାତ୍ରିରେ କିଡନୀ ରୋଗରେ ସୋମାଙ୍କର ମୃତ୍ୟୁ ଘଟିଥିଲା। ସମାଜ ଅର୍ଥ ପରିଶୋଧ କରି ନ ଥିବାରୁ ସୋମାଙ୍କ ଶବ ଛୁଇଁବେ ନାହିଁ ବୋଲି ସମାଜ ଲୋକେ ରୋକଠୋକ ମନା କରିଥିଲେ। ଏଥିସହ ମୂଳ ବାବଦକୁ ୪୦୦ଟଙ୍କା, ସୁଧ ବାବଦକୁ ୧୨ ହଜାର ଟଙ୍କା ଏବଂ ଜରିମାନା ବାବଦକୁ ୨୫ ହଜାର ଟଙ୍କା ମିଶାଇ ମୋଟ ୩୭ ହଜାର ୪୦୦ ଟଙ୍କା ଦାବି କରିଥିଲେ। ଏହି ଟଙ୍କା ନ ଦେଲେ ସେମାନେ ମୃତଦେହ ଛୁଇଁବେ ନାହିଁ ବୋଲି କହିଥିଲେ। ସେହି ରାତିରୁ ହିଁ ଘର ଭିତରେ ସୋମାଙ୍କ ମୃତଦେହ ପଡିରହିଥିଲା। ବୁଧବାର ଜମି ବିକ୍ରିକରି ଅର୍ଥ ସମାଜ ପାଣ୍ଠିକୁ ପରିଶୋଧ କରିବା ପରେ ସମାଜ ଲୋକେ ମୃତଦେହ ସତ୍କାର ପାଇଁ ରାଜି ହୋଇଥିଲେ।

**କରଜ ଟଙ୍କା ପରିଶୋଧ ନ କରିବାରୁ ମୃତଦେହ ପଡ଼ିରହିବା ଘଟଣା**

# ସୁନ୍ଦରଗଡ଼ ଏସ୍‌ପିଙ୍କ ବିଭିନ୍ନ ବୁଥ୍ ପରିଦର୍ଶନ

କୁଆଁରମୁଣ୍ଡା,୧୦।୨(ଡି.ଏନ.ଏ.)

ଆସନ୍ତା ୧୬ ତାରିଖରୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଭୋଟ ଗ୍ରହଣ ଆରମ୍ଭ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥ ଗୁରୁବାର ଅପରାହ୍ନରେ କୁଆଁରମୁଣ୍ଡା ବ୍ଲକର ବିଭିନ୍ନ ବୁଥ ପରିଦର୍ଶନରେ ଆସି କୁଆଁରମୁଣ୍ଡା ଫାଣ୍ଡିରେ ପହଞ୍ଚିଥିଲେ। ଫାଣ୍ଡିରେ ବୀରମିତ୍ରପୁର ଏସ୍‌ଡିପିଓ ମାନସରଞ୍ଜନ ପ୍ରଧାନ, ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମଙ୍କ ସହ ବିଭିନ୍ନ ବୁଥ ବିଷୟରେ ଆଲୋଚନା କରିଥିଲେ। ବିଶେଷକରି ସମ୍ବେଦନଶୀଳ ବୁଥଗୁଡିକ ଉପରେ ତୀକ୍ଷଣ ନଜର ରଖିବାକୁ ପରାମର୍ଶ ଦେବା ସଙ୍ଗେସଙ୍ଗେ କୁଆଁରମୁଣ୍ଡା ସିଟି ସ୍କୁଲରେ ଥିବା ୫ଟି ବୁଥ, ହରିହର ଉଚ୍ଚ ବିଦ୍ୟାଳୟରେ ଥିବା ୪ଟି ବୁଥ ସହ କୁଆଁରମୁଣ୍ଡା 'ଖ' ଜୋନ୍‌ରେ ଥିବା ଅନ୍ୟ ବୁଥଗୁଡିକ ପରିଦର୍ଶନ କରିଛନ୍ତି। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଅବାଧ, ମୁକ୍ତ, ଶୃଙ୍ଖଳିତ କରିବାକୁ ଏସ୍‌ପି ନାଥ ଏହି ଅବସରରେ ଏସ୍‌ଡିପିଓ ପ୍ରଧାନଙ୍କୁ ପରାମର୍ଶ ଦେଇଛନ୍ତି। ଅନୁରୂପ ଭାବେ ଏସ୍‌ଡିପିଓ ପ୍ରଧାନ କୁଆଁରମୁଣ୍ଡା 'ଖ' ଜୋନରେ ଥିବା ୧୩୪ଟି ବୁଥ ମଧ୍ୟରୁ ୨୦ଟି ସମ୍ବେଦନଶୀଳ ବୁଥରେ ବ୍ୟାପକ ପୋଲିସ ମୁତୟନ କରାଯିବ ବୋଲି ଏହି ଅବସରରେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ୧ମ ପର୍ଯ୍ୟାୟ ନିର୍ବାଚନ ପାନପୋଷ ଉପଖଣ୍ଡ ଅଞ୍ଚଳର କୁଆଁରମୁଣ୍ଡା ବ୍ଲକରେ ଅନୁଷ୍ଠିତ ହେବାକୁ ଯାଉଛି।

# ଡାଲିଜାତୀୟ ଫସଲର ଅଭିବୃଦ୍ଧି ପାଇଁ କର୍ମଶାଳା

ସୁନ୍ଦରଗଡ଼,୧୦।୨(ଡି.ଏନ୍.ଏ.)

କିରେଇସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ସୁନ୍ଦରଗଡ–୧ ପରିସରରେ ଗୁରୁବାର ବିଶ୍ୱ ଡାଲିଜାତୀୟ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଭର୍ଚୁଆଲ ଏବଂ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲାରେ ଡାଲିଜାତୀୟ ଫସଲର ଅଭିବୃଦ୍ଧି ନିମନ୍ତେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୩୦ ଅଗ୍ରଣୀ ଚାଷୀ ଯୋଗ ଦେଇଥିଲେ। ଭର୍ଚୁଆଲ ପ୍ଲାଟଫର୍ମରେ ଆୟୋଜିତ ସେମିନାରରେ ମୁଖ୍ୟ ଜିଲା କୃଷି ଅଧିକାରୀ ରାମଚନ୍ଦ୍ର ନାୟକ, ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ଉପନିର୍ଦ୍ଦେଶକ (ସମ୍ପ୍ରସାରଣ) ଡ. ହେମନ୍ତ କୁମାର ସାହୁ, ଇକ୍ରିସାଟର ମୁଖ୍ୟ ବୈଜ୍ଞାନିକ ତଥା ପ୍ରକଳ୍ପ ପରିଚାଳକ ଡ. ରାଜେଶ ଚୁଣ୍ଡି, ଛେଦଲଗାନ ଏଫପିଓର ମୁଖ୍ୟ ନିର୍ବାହୀ ଅଧିକାରୀ ଗଙ୍ଗାଧର କିଶାନ୍, ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର କିରେଇର ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜିବ କୁମାର ବିଶ୍ୱାସୀ, ବ୍ଲକ କୃଷି ଅଧିକାରୀ ଉଦିତ ନାଏକ ପ୍ରମୁଖ ଯୋଗଦେଇ ସୁନ୍ଦରଗଡ ଜିଲାରେ ଡାଲିଜାତୀୟ ଫସଲର ବର୍ତ୍ତମାନର ସ୍ଥିତି, ସୁବିଧା ସୁଯୋଗ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ। ଏହା ବ୍ୟତୀତ କେନ୍ଦ୍ରରେ ଡାଲି ଚାଷୀଙ୍କୁ ସୁନ୍ଦରଗଡ ଜିଲାରେ ଡାଲିଜାତୀୟ ଫସଲର ଅମଳ ଓ ଆୟ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ଶୀର୍ଷକ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ.ଲକ୍ଷ୍ମୀ ପ୍ରିୟା ପ୍ରଧାନ, ମୃତ୍ତିକା ବୈଜ୍ଞାନିକ ମନୋଜ କୁମାର ଜେନା,କୃଷିସମ୍ପ୍ରସାରଣ ବୈଜ୍ଞାନିକ ଡେଭିଡ ଜେମସ ବାଗେ, ଇକ୍ରିସାଟର ଅଜିତ୍ ମିଶ୍ର ପ୍ରମୁଖ ଯୋଗଦେଇ ଚାଷୀଙ୍କୁ ବିଭିନ୍ନ ବୈଜ୍ଞାନିକ ଜ୍ଞାନକୌଶଳ ବିଷୟରେ ତାଲିମ ପ୍ରଦାନ କରିଥିଲେ। ଆଗାମୀ ଦିନରେ ନିଶ୍ଚିତ ଭାବରେ ସୁନ୍ଦରଗଡ ଜିଲାର ଚାଷୀମାନେ ଉନ୍ନତ ଜ୍ଞାନ କୌଶଳ, ସମ୍ବଳର ସଦୁପଯୋଗ ଓ ସରକାରୀ ଯୋଜନାର ସଦ ବ୍ୟବହାର କରି ଜିଲାକୁ ଡାଲି ଉତ୍ପାଦନରେ ସ୍ୱାବଲମ୍ବୀ କରିବାନେଇ ଅତିଥି ମାନେ ଆଶାବ୍ୟକ୍ତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର କମ୍ପ୍ୟୁଟର ପ୍ରୋଗ୍ରାମର ଅରୁଣ ମିଶ୍ର, ଷ୍ଟେନୋ କମଳଲୋଚନ ମହାନ୍ତି କାର୍ଯ୍ୟକ୍ରମ ସହାୟକ ମୁଦାଦା ଦିବ୍ୟନାଥ ଓ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**କୃଷିବିଜ୍ଞାନ କେନ୍ଦ୍ରଠାରେ ବିଶ୍ୱ ଡାଲି ଜାତୀୟ ଦିବସ ପାଳିତ**


**APPENDIX A TO SCHEDULE III**

**ଯୋଡ଼ା ପୌର ପରିଷଦ**

**ପ୍ରେସ ବିଜ୍ଞପ୍ତି**

No.C–1920:ଯୋଡା ପୌର ପରିଷଦ ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା ଯୋଡା ପୌର ପରିଷଦର କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା ସିଡ଼ିପିଓ ଆଇସିଡ଼ିଏସ ଯୋଡା ସହରାଞ୍ଚଳ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ, ତାଙ୍କର ନାମ ସଂପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରିନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରି ପ୍ରସ୍ତୁତ ହୋଇଥିବା ପୌର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ.III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ୍ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ ନଂ. IVରେ ଦରଖାସ୍ତ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସମ୍ପର୍କରେ ଆପତ୍ତି ଫାରମ ନଂ. IV ରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫାରମ ନଂ. III ଓ ଫାରମ ନଂ. IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ସ୍ୱା/–ନିର୍ବାଚନ ଅଧିକାରୀ
ଯୋଡ଼ା ପୌର ପରିଷଦ
OIPR-13124/11/0018/2122



**APPENDIX A TO SCHEDULE III**

**କୁଚିଣ୍ଡା ଅଧିସୂଚିତ କ୍ଷେତ୍ର ପରିଷଦ**

**ପ୍ରେସ୍ ବିଜ୍ଞପ୍ତି**

No.C–1904:କୁଚିଣ୍ଡା ଅଧିସୂଚିତ କ୍ଷେତ୍ର ପରିଷଦର ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା କୁଚିଣ୍ଡା ଅଧିସୂଚିତ କ୍ଷେତ୍ର ପରିଷଦର କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା କୁଚିଣ୍ଡା ଅଧିସୂଚିତ କ୍ଷେତ୍ର ପରିଷଦର କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ, ତାଙ୍କର ନାମ ସମ୍ପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରିନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରି ପ୍ରସ୍ତୁତ ହୋଇଥିବା ଅଧିସୂଚିତ କ୍ଷେତ୍ର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ.III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ୍ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ ନଂ. IVରେ ଦରଖାସ୍ତ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସମ୍ପର୍କରେ ଆପତ୍ତି ଫାରମ ନଂ. IV ର ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫାରମ ନଂ. III ଓ ଫାରମ ନଂ. IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ସ୍ୱା./–ନିର୍ବାଚନ ଅଧିକାରୀ
ଏନଏସି, କୁଚିଣ୍ଡା
OIPR-13121/11/0022/2122


# ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହେଲେ ସାହିବାସିନ୍ଦା



କୁରଡ ଶାନ୍ତିନଗର ସାହିର ବାସିନ୍ଦା।

ଦେବଗଡ଼,୧୦।୨(ଡି.ଏନ.ଏ.)

ତିଲେଇବଣି ବ୍ଲକ ଟାଇଁସର ଗ୍ରାମ ପଞ୍ଚାୟତର କୁରଡ ଶାନ୍ତିନଗର ସାହି ପ୍ରାୟ ୧୦ ଦିନ ହେଲା ଅନ୍ଧାରରେ ରହିଛି। ଏହି ସାହିରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ିଯାଇଥିବାରୁ ଉକ୍ତ ଟ୍ରାନ୍ସଫର୍ମର ଉପରେ ନିର୍ଭର କରୁଥିବା ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ପରିବାର ବିଦ୍ୟୁତ୍ ସେବାରୁ ବଞ୍ଚିତ ହେବାସହ ଅନ୍ଧାରରେ ରହି ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏନେଇ ସେମାନେ ବିଦ୍ୟୁତ୍ ବିଭାଗ (ଓପିଟିସିଏଲ) କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏକ ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସାଇବା ପାଇଁ ଦାବି କରିଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ଫଳରେ ସାହିବାସିନ୍ଦାଙ୍କ ମଧ୍ୟରେ ଘୋର ନୈରାଶ୍ୟ ଭାବ ପ୍ରକାଶ ପାଇଛି। ଫଳରେ ସାହିବାସିନ୍ଦାମାନେ ଦେବଗଡ଼ସ୍ଥିତ ବିଦ୍ୟୁତ୍ ବିଭାଗ ସେକ୍ସନ କାର୍ଯ୍ୟାଳୟ ଏବଂ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସି ଏକ ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସାଇ ସମସ୍ୟାର ସମାଧାନ କରିବାକୁ ଲିଖିତ ଗୁହାରୀ କରିଥିଲେ। ଏଥିସହ ଉକ୍ତ ସ୍ମାରକପତ୍ରର ନକଲ ଲିଗାଲ ରାଇଟ୍ସ କାଉନଶିଲର ରାଜ୍ୟ ସଭାପତି ଅରୁନ୍ଧତୀ ଦେବୀଙ୍କୁ ପ୍ରଦାନ କରିଥିବା ଜଣାପଡିଛି।

**୧୦ ଦିନ ହେଲା କୁରଡ ଶାନ୍ତିନଗର ସାହି ଅନ୍ଧାରରେ**


**APPENDIX A TO SCHEDULE III**

**ଚମ୍ପୁଆ ଅଧିସୂଚିତ କ୍ଷେତ୍ର ପରିଷଦ/ପୌର ପରିଷଦ**

**ପ୍ରେସ ବିଜ୍ଞପ୍ତି**

No.C–1915: ଚମ୍ପୁଆ ଅଧିସୂଚିତ କ୍ଷେତ୍ର ପରିଷଦ/ପୌର ପରିଷଦର ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା ଚମ୍ପୁଆ ଅଧିସୂଚିତ କ୍ଷେତ୍ର ପରିଷଦ/ପୌର ପରିଷଦର କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା ଏନ.ଏ.ସି. କାର୍ଯ୍ୟାଳୟରେ ତାରିଖ ୧୦.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ, ତାଙ୍କର ନାମ ସଂପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରିନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରି ପ୍ରସ୍ତୁତ ହୋଇଥିବା ଅଧିସୂଚିତ କ୍ଷେତ୍ର ପରିଷଦ/ପୌର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ.III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ୍ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ ନଂ. IVରେ ଦରଖାସ୍ତ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସମ୍ପର୍କରେ ଆପତ୍ତି ଫାରମ ନଂ. IV ରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫାରମ ନଂ. III ଓ ଫାରମ ନଂ. IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ସ୍ୱା/–ନିର୍ବାଚନ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ,ଚମ୍ପୁଆ
OIPR-13157/11/0015/2122



**APPENDIX A TO SCHEDULE III**

**ବିନିକା ଅଧିସୂଚିତ କ୍ଷେତ୍ର ପରିଷଦ**

ନଂ.୩୬୦, ତା.୧୦.୦୨.୨୦୨୨

**ପ୍ରେସ ବିଜ୍ଞପ୍ତି**

No.C–1928:ବିନିକା ଅଧିସୂଚିତ କ୍ଷେତ୍ର ପରିଷଦ ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା ବିନିକା ଅଧିସୂଚିତ କ୍ଷେତ୍ର ପରିଷଦ କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା ଅଧିସୂଚିତ କ୍ଷେତ୍ର ପରିଷଦ ବିନିକାଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ, ତାଙ୍କର ନାମ ସଂପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି ନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରି ପ୍ରସ୍ତୁତ ହୋଇଥିବା ଅଧିସୂଚିତ କ୍ଷେତ୍ର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ.III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ୍ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ IVରେ ଦରଖାସ୍ତ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସମ୍ପର୍କରେ ଆପତ୍ତି ଫାରମ ନଂ. IV ରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫାରମ ନଂ. III ଓ ଫାରମ ନଂ. IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ସ୍ୱା/–ନିର୍ବାଚନ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ,ବିନିକା
OIPR-13198/11/0005/2122

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଫେବୃୟାରୀ ୧୧/୨୦୨୨ Sambalpur, Friday, February 11/ 2022

## ସଂକ୍ଷେପରେ

### ବାଇକ୍‌ରୁ ପଡ଼ି ବାଳକ ମୃତ

**କୁତ୍ରା,୧୦।୨ (ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପୋଷଠାରେ ବାଇକରୁ ପଡ଼ି ଜଣେ ବାଳକଙ୍କ ମୃତ୍ୟୁ ହୋଇଛି। ବୁଧବାର ସନ୍ଧ୍ୟା ୭ଟାରେ ଲକ୍ଷ୍ମୀପୋଷ ଗ୍ରାମର ଗୌତମ ବାଡା (୧୪) ନାମକ ନାବାଳକ ବାଇକରେ ଯାଉଥିବା ବେଳେ ଲକ୍ଷ୍ମୀପୋଷ ଶିବ ମନ୍ଦିର ନିକଟସ୍ଥ ବୁଲାଣିରେ ପଡି ଗୁରୁତର ଆହତ ହୋଇଥିଲେ। ତେବେ ରାତି ୧୦ ପର୍ଯ୍ୟନ୍ତ କେହି ଜାଣି ପାରି ନ ଥିଲେ । ପରେ ପରିବାର ଲୋକ ଖବର ପାଇ ରାତି ୧୦ଟା୩୦ରେ କୁତ୍ରା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ବିଶ୍ରା ବିଇଓ ପୁରସ୍କୃତ


ବିଇଓ ପ୍ରଜ୍ଞାପାରମିତା ଜେନା

**ରାଉରକେଲା ଅଫିସ,୧୦।୨:** ଜାତୀୟ ଶୈକ୍ଷିକ ଯୋଜନା ଓ ପ୍ରଶାସନ ସଂସ୍ଥାନ (ଏନ୍‌ଆଇଆଇପିଏ) ପକ୍ଷରୁ ସୁନ୍ଦରଗଡ଼ ଜିଲା ବିଶ୍ରା ବ୍ଲକ ଶିକ୍ଷାଧିକାରୀ ପ୍ରଜ୍ଞାପାରମିତା ଜେନାଙ୍କୁ ପୁରସ୍କୃତ କରାଯାଇଛି। ବିଇଓ ଜେନା ଲାଠିକଟା ବ୍ଲକରେ ଥିବାବେଳେ ବିଭିନ୍ନ ସ୍କୁଲକୁ ଆସୁଥିବା ମଧ୍ୟାହ୍ନ ଭୋଜନର ମାନ ଓ ଏହା ଅକାରଣରେ ନଷ୍ଟ ହେଉଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ 'ଖାଦ୍ୟ ନଷ୍ଟ କରିବା ନାହିଁ କି କେହି ଭୋକରେ ରହିବା ନାହିଁ' ଭଳି ପଦକ୍ଷେପ ନେଇଥିଲେ। ସେ ବଳକା ଖାଦ୍ୟ ଗୁଡିକୁ ସ୍ଥାନୀୟ ଅଞ୍ଚଳର ଗରିବ ଲୋକମାନଙ୍କୁ ବିତରଣ କରିବା ପାଇଁ ନୂତନ ପନ୍ଥା ଅବଲମ୍ବନ କରିଥିଲେ। ଏଥିରେ ବିଇଓ ଜେନା ସଫଳ ହେବା ସହ ଶିକ୍ଷା କ୍ଷେତ୍ରରେ ଏହା ଲାଭ ଦାୟକ ହୋଇଥିଲା। ଗୁରୁବାର ଭିଡିଓ କନଫରେନ୍ସ ମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଡ. ସୁବାସ ସରକାର ତାଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରିଛନ୍ତି।

### ଟ୍ରକ୍ ଧକ୍କାରେ ମହିଳା ମୃତ

**ରାଉରକେଲା ଅଫିସ,୧୦।୨:** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ଛକରେ ଟ୍ରକ୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତା ବୃଦ୍ଧା ଜଣକ ହେଲେ ମଞ୍ଜୁଳା ମଞ୍ଜରୀ ଦ୍ୱିବେଦୀ(୬୨)। ପୋଲିସ ମୃତଦେହ ଜବତ କରି ଗୁରୁବାର ବ୍ୟବଚ୍ଛେଦ କରାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୫/୨୨) ମାମଲା ରୁଜୁ ହୋଇଛି। ବୁଧବାର ଅପରାହ୍ନ ସାଢେ ୪ଟାରେ ପାନପୋଷ ବସ୍ତିର ପ୍ରଫୁଲ କୁମାର ଦ୍ୱିବେଦୀ ତାଙ୍କ ସ୍ତ୍ରୀ ମଞ୍ଜୁଳାଙ୍କୁ ଧରି ଏକ ସ୍କୁଟି (ନଂ.ଓଡି୧୪ କିୟୁ/୮୧୩୭) ଯୋଗେ ହାତୀବାରି ଯାଉଥିଲେ। ଏହି ସମୟରେ ତାଙ୍କୁ ପଛପଟୁ ଏକ ଟ୍ରକ୍ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଆରଜିଏଚ୍ ଓ ପରେ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ରାତି ସାଢ଼େ ୨ଟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ତେଲଙ୍ଗାନାରେ ୩୪ ଦାଦନ ଶ୍ରମିକ ନିର୍ଯାତିତ

**ନୂଆପଡ଼ା ଅଫିସ,୧୦।୨**

ନୂଆପଡ଼ା ଜିଲାର ଦାଦନ ଶ୍ରମିକମାନେ ବାହାର ରାଜ୍ୟକୁ କାମ କରିବାକୁ ଯାଇ ସେଠାରେ ମାଲିକମାନଙ୍କ ଦ୍ୱାରା ନିର୍ଯାତିତ ହେଉଥିବା ଘଟଣା ବାରମ୍ବାର ସାମ୍ନାକୁ ଆସୁଛି। ଗତ ମାସ ୨୫ ତାରିଖରେ କୋମନା ବ୍ଲକର ବିଭିନ୍ନ ଗାଁର ୬୫ଜଣ ଦାଦନ ଶ୍ରମିକ ହାଇଦ୍ରାବାଦ ନିକଟ ସିସିଲା ଚନ୍ଦ୍ରମପେଟ ଇଟାଭାଟିରେ ନିର୍ଯାତିତ ହେଉଥିବା ଅଭିଯୋଗ କରି ଭିଡିଓ ମାଧ୍ୟମରେ ଉଦ୍ଧାର କରିବା ପାଇଁ ଅନୁରୋଧ କରିଥିଲେ। ଏବେ ପୁଣି କୋମନା ବ୍ଲକ ଅଧୀନ ବିଭିନ୍ନ ଗାଁର ୩୪ଜଣ ଦାଦନ ଶ୍ରମିକ ତେଲଙ୍ଗାନାର ବନଗିରି ଥାନା ଚିକଡମାମଲିର ଏକ ଇଟାଭାଟିରେ ନିର୍ଯାତିତ ହେଉଛନ୍ତି। ସେଠାରେ ମାଲିକ ଦ୍ୱାରା ନିର୍ଯାତନାର ଶିକାର ହେଉଥିବା ବେଳେ ଉଦ୍ଧାର କରିବା ଲାଗି ଏକ ଭିଡିଓ ମାଧ୍ୟମରେ ସେମାନେ ଜିଲା ପ୍ରଶାସନକୁ ଅନୁରୋଧ କରିଛନ୍ତି।


ଇଟାଭାଟିରେ ଫସି ରହିଥିବା ଦାଦନ ଶ୍ରମିକମାନେ।

ନୂଆପଡା ଜିଲା କୋମନା ବ୍ଲକରେ ଚଳିତବର୍ଷ ସ୍ୱାଭାବିକଠାରୁ କମ ବର୍ଷା ହେବାରୁ ଚାଷ କାର୍ଯ୍ୟ ହୋଇପାରି ନାହିଁ।

**ଉଦ୍ଧାର କରିବାକୁ ନିବେଦନ**

ଫଳରେ ଲୋକେ କାମଧନ୍ଦା ଅଭାବରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ସେଠାରେ ନିର୍ଯାତନାର ଶିକାର ହୋଇଥିବା ଘଟଣା ଏବେ ଜଣାପଡ଼ିଛି। ଗତ ଡିସେମ୍ବରରେ ଜଣେ ଦାଦନ ସର୍ଦ୍ଦାରଙ୍କ ସହାୟତାରେ କୋମନା ବ୍ଲକ ବେଲଗାଁରୁ ୯ଜଣ, କୋଟିରିବାହାଲିରୁ ୬ଜଣ, ଠାକୁରପାଲିରୁ ଜଣେ, ଲୋହୋଣ୍ଡୋପାଲିରୁ ୮, ମାଲପଡାରୁ ୧୦ ଏପରି ମୋଟ ୩୪ଜଣ ଦାଦନ ଶ୍ରମିକ ତେଲଙ୍ଗାନାର ବନଗିରି ଥାନା ଚିକଡମାମଲିର ଏକ ଇଟାଭାଟିକୁ କାମ କରିବା ପାଇଁ ଯାଇଥିଲେ।

# ସରପଞ୍ଚ ପ୍ରାର୍ଥୀଙ୍କୁ ମରଣାନ୍ତକ ଆକ୍ରମଣ

**କୋକସରା,୧୦।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକରେ ଆସନ୍ତା ୨୦ ତାରିଖରେ ପଞ୍ଚାୟତ ନିର୍ବାଚନ ହେବାକୁ ଥିବା ବେଳେ ଏହି ବ୍ଲକର ମୂଷାପାଲି ପଞ୍ଚାୟତରେ ରାଜନୈତିକ ହିଂସା ଘଟିଥିବା ଅଭିଯୋଗ ସାମ୍ନାକୁ ଆସିଛି। ଏହି ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ରୋହିତ ହଂସଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏ ନେଇ ତାଙ୍କ ପରିବାର ଲୋକେ ଗୁରୁବାର କୋକସରା ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ପୂର୍ବରୁ ରୋହିତଙ୍କୁ ସରପଞ୍ଚ ପ୍ରାର୍ଥୀରୁ ଓହରିଯିବାକୁ ଏକ ଫୋନ୍ କଲ୍ ଆସିଥିଲା। ସେ ନ ଓହରିବାରୁ ଏହି ଆକ୍ରମଣ ପଛରେ ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସରପଞ୍ଚ ପ୍ରାର୍ଥୀମାନଙ୍କ ହାତ ରହିଥିବା ନେଇ ପରିବାର ପକ୍ଷରୁ ସନ୍ଦେହ କରାଯାଉଛି।

ସୂଚନା ଅନୁସାରେ, ମୂଷାପାଲି ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ୭ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି ପଞ୍ଚାୟତ ଗହନାମୁଣ୍ଡା ଗାଁର ରୋହିତ ହଂସ ସରପଞ୍ଚ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।


ଆହତ ସରପଞ୍ଚ ପ୍ରାର୍ଥୀ ରୋହିତ ହଂସ।

ରୋହିତ ବୁଧବାର ସନ୍ଧ୍ୟାରେ ପ୍ରଚାର ସାରି ନିଜ ବାଇକ୍ ଯୋଗେ ଗହନାମୁଣ୍ଡା ଫେରୁଥିବା ବେଳେ ମୂଷାପାଲି-ଗହନାମୁଣ୍ଡା ରାସ୍ତାରେ ତାଙ୍କୁ ୪/୫ଜଣ ମୁଖାପିନ୍ଧା ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଥିଲେ। ସେଠାରୁ ରକ୍ତାକ୍ତ ଅବସ୍ଥାରେ ରୋହିତଙ୍କୁ ଉଦ୍ଧାର କରି ପରିବାର ଲୋକେ ପ୍ରଥମେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ରୋହିତଙ୍କ ଚିକିତ୍ସା ଚାଲିଥିବା ଜଣାପଡିଛି। ଏ ନେଇ କୋକସରା ଥାନା ଅଧିକାରୀ ପ୍ରସନ୍ନ ବେହେରାଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ କରାଯାଉଛି ବୋଲି କହିଛନ୍ତି।

# ଜିଲାର ୩ ହାଇସ୍କୁଲରେ ଖୋଲିବ ଯୁକ୍ତ ୨

**ଝାରସୁଗୁଡ଼ାରେ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମୀକ୍ଷା**

**ଝାରସୁଗୁଡ଼ା ଅଫିସ,୧୦।୨**

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ଦିନିକିଆ ପଶ୍ଚିମ ଓଡ଼ିଶା ଗସ୍ତରେ ଆସି ଝାରସୁଗୁଡା ଜିଲାର ଶିକ୍ଷା ବ୍ୟବସ୍ଥାକୁ ନେଇ ସ୍ଥାନୀୟ ଡିପିସି କାର୍ଯ୍ୟାଳୟରେ ସମୀକ୍ଷା ବୈଠକ କରିଥିଲେ। କୌଣସି ଛାତ୍ରୀଛାତ୍ର ଗୁଣାତ୍ମକ ଶିକ୍ଷାରୁ ଯେମିତି ବଞ୍ଚିତ ନ ହେବେ ଏହା ଉପରେ ଦୃଷ୍ଟିଦେବା ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ଇୟୁସି ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏ ନେଇ ନିର୍ଦ୍ଦେଶକ ସାହା ସର୍କିଟ୍ ହାଉସ୍‌ରେ ଜିଲାପାଳ ସରୋଜ ସାମଲ, ନିର୍ବାଚନ ପର୍ଯ୍ୟବେକ୍ଷକ ଇନ୍ଦ୍ରମଣି ତ୍ରିପାଠୀ, ଜିଲା ଶିକ୍ଷାଧିକାରୀ ପୁଷ୍ପା ମିଞ୍ଜ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସୁଶାନ୍ତ ଘୁଙ୍ଗା ଓ ପ୍ରଦୀପ୍ତ ସା ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ସାମଲ ଜିଲାରେ ହେବାକୁଥିବା ମୁରଲିପାଲି ହାଇସ୍କୁଲ, ଅଢାପଡା ହାଇସ୍କୁଲ ଓ ବାଗଡିହି ହାଇସ୍କୁଲକୁ ହାୟର ସେକେଣ୍ଡାରୀ ସ୍କୁଲ୍ (ଯୁକ୍ତ ୨)ରେ ଅପ୍‌ଗ୍ରେଡେଶନ କରିବା ନେଇ ନିର୍ଦ୍ଦେଶକ ସାହାଙ୍କ ସହିତ ଆଲୋଚନା କରିଥିଲେ ।


ସମୀକ୍ଷା ବୈଠକରେ ଉପସ୍ଥିତ ଥିବା ଅଧିକାରୀମାନେ।




# ଛତିଶଗଡ଼ି ଭାଷାରେ ଜମୁଛି ପ୍ରଚାର



ହିନ୍ଦୀ ଭାଷାରେ ଲେଖା ଯାଇଥିବା ପୋଷ୍ଟର।

**ନୂଆପଡ଼ା ଅଫିସ,୧୦।୨**

ନୂଆପଡା ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଯେତେ ପାଖେଇ ଆସୁଛି ପ୍ରଚାର ମଧ୍ୟ ଜୋରସୋରରେ ଚାଲିଛି। ଜିଲାର ସୀମାନ୍ତ ଅଞ୍ଚଳରେ ଏବେ ଛତିଶଗଡି ଭାଷାରେ ପ୍ରଚାର ଜମୁଥିବା ବେଳେ ହିନ୍ଦୀ ଭାଷାରେ ଲେଖା ବେନର ଓ ପୋଷ୍ଟର ଦେଖିବାକୁ ମିଳୁଛି। ସେମାନେ ଓଡ଼ିଆ ଭାଷାରେ ଲେଖି ପଢି ଜାଣିନାହାନ୍ତି। ଜିଲାରେ ପଞ୍ଚାୟତ ନିର୍ବାଚନ ପାଇଁ ଛତିଶଗଡି ଭାଷାରେ ପ୍ରଚାର ଜୋରସୋରରେ ଚାଲିଥିବା ବେଳେ

**ହିନ୍ଦୀ ଭାଷାରେ ବ୍ୟାନର, ପୋଷ୍ଟର**

ପ୍ରଚାର କାର୍ଯ୍ୟରେ ଛୋଟ ଛୋଟ ପିଲା ମଧ୍ୟ ବାଦ ପଡି ନାହାନ୍ତି। ପଞ୍ଚାୟତ ଆଶାୟୀ ପ୍ରାର୍ଥୀମାନେ ଅଞ୍ଚଳର ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଛତିଶଗଡି ଭାଷାରେ ନିର୍ବାଚନ ପ୍ରଚାର କରୁଛନ୍ତି। ୱାର୍ଡମେମ୍ବରମାନେ ଘରକୁ ଘର ବୁଲି ଛତିଶଗଡି ଭାଷାରେ କହୁଥିବା ବେଳେ ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ପ୍ରାର୍ଥୀମାନେ ଛତିଗଡି ନାଚ ଓ ଗିତରେ ପ୍ରଚାର କରୁଥିବା ବେଳେ ହିନ୍ଦୀ ଭାଷାରେ ବେନର, ପୋଷ୍ଟର ଲଗାଇବା ସହିତ କାନ୍ଥଲେଖା ମାଧ୍ୟମରେ ପ୍ରଚାର କରୁଛନ୍ତି। ସୀମାନ୍ତ ଅଞ୍ଚଳରେ ଓଡିଶା ନୁହେଁ ଛତିଶଗଡ ରାଜ୍ୟର ନିର୍ବାଚନ ପ୍ରଚାର ଚାଲିଥିବା ଭଳି ଲାଗୁଛି । ୧୯୯୩ ମସିହାରେ ନୂଆପଡା ସ୍ୱତନ୍ତ ଜିଲାର ମାନ୍ୟତା ପାଇ ଜିଲା ଗଠନର ୨୮ ବର୍ଷ ପରେ ମଧ୍ୟ ଅଞ୍ଚଳର ଲୋକେ ଓଡିଆ ଭାଷା ଲେଖିପଢି ନ ଜାଣିବା ଏକ ଦୁର୍ଭାଗ୍ୟର ବିଷୟ। ସ୍ଥାନୀୟ ଲୋକେ ଓଡିଆ ଜାଣୁ ନ ଥିବାରୁ ପ୍ରାର୍ଥୀମାନଙ୍କୁ ଛତିଶଗଡି ଭାଷାରେ ପ୍ରଚାର କରିବା ସହ ହିନ୍ଦୀ ଭାଷାରେ ବେନର, ପୋଷ୍ଟର ଲଗାଇବାକୁ ପଡୁଛି ।

# ବାଇକ୍ ଚୋରି ର୍‌ୟାକେଟ୍‌ର ପର୍ଦ୍ଦାଫାଶ


ସୁବର୍ଣ୍ଣପୁର ଏସ୍‌ପି ଚୋରି ବାଇକ୍ ର୍‌ୟାକେଟ୍ ସମ୍ପର୍କରେ ସୂଚନା ଦେଉଛନ୍ତି।

**ସୋନପୁର/ତରଭା,୧୦।୨ (ନି.ପ୍ର./ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ଥାନା ପୋଲିସ ଏକ ବାଇକ୍ ଚୋରି ର୍‌ୟାକେଟ୍‌ର ପର୍ଦ୍ଦାଫାଶ କରିଛି। ପୋଲିସ ୩ ଦିନ ଧରି ବିଭିନ୍ନ ସ୍ଥାନରେ ଚଢାଉ କରି ମୋଟ ୧୨ଟି ବାଇକ୍ ଜବତ କରିଛି। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି। ର୍‌ୟାକେଟ୍‌ର ଅନ୍ୟ ୩ ଜଣ ଅଭିଯୁକ୍ତ ଫେରାର ହୋଇ ଯାଇଛନ୍ତି। ବାଇକ୍‌ଗୁଡିକ ସୁବର୍ଣ୍ଣପୁର, ସମ୍ବଲପୁର, ବଲାଙ୍ଗୀର ଓ ବରଗଡ ଜିଲାରୁ ଚୋରି ହୋଇଥିବା ସୁବର୍ଣ୍ଣପୁର ଏସ୍‌ପି ସୀତାରାମ ଶତପଥୀ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ହେଉଛନ୍ତି ସୁବର୍ଣ୍ଣପୁର ଜିଲା ତରଭା ଥାନା ରାଇକେଡାର ଅଜୟ କୁଶଳ(୨୧), କମସରା ଗାଁର ଅନିଲ ବିଭାର(୨୩), କାୟାପଦର ଗାଁର ଡାକ୍ତର ଓରଫ ସଦାନନ୍ଦ ରଣା(୩୨) ଓ ବଲାଙ୍ଗୀର ଜିଲା ପୁଇଁତଲା ଥାନା ଗରଦାମୁଣ୍ଡା ଗାଁର ରାହୁଲ ଓରଫ ନୀଳକଣ୍ଠ ନନ୍ଦ(୨୮)। ଏସ୍‌ପି ଶତପଥୀଙ୍କ ସୂଚନା ଅନୁଯାୟୀ ଗତ ୨ ତାରିଖ ସନ୍ଧ୍ୟାରେ

**୪ ଗିରଫ, ୧୨ ବାଇକ୍ ଜବତ**

ତରଭା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ଶିବତୁଲା ଗାଁର କ୍ଷମାନିଧି କର୍ଣ୍ଣଙ୍କ ହିରୋ ଗ୍ଲାମର ବାଇକ୍ (ନଂ ଓଡି୦୩ଏ-୮୪୭୪ )ଚୋରି ହୋଇଥିଲା। ଏ ସମ୍ପର୍କରେ ତରଭା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ତଦନ୍ତକାରୀ ଅଧିକାରୀ ଏସଆଇ ଯଯାତି କେଶରୀ ସାହୁଙ୍କ ନେତୃତ୍ୱରେ ଏଏସଆଇ ନିମାଇଁ ଚରଣ ବାରିକ, ବୃନ୍ଦାବନ ପଞ୍ଚବିହାର, ଯୁବରାଜ ଦୋରା, ବିଜୟ ସାହୁ, ଅମର ନାଏକ ଓ ଲିଙ୍ଗରାଜ ପଧାନ ବିଭିନ୍ନ ସ୍ଥାନରେ ଚଢାଉ କରି ବାଇକ୍ ଚୋରି ର୍‌ୟାକେଟ୍ ସମ୍ପର୍କରେ ସୁରାଗ ପାଇଥିଲେ। ଜବତ ବାଇକ୍ ନମ୍ବର ଓ କାଗଜପତ୍ର ସମ୍ପର୍କରେ ବିଭିନ୍ନ ଥାନାକୁ ଜଣାଯାଇଛି। ଚୋରି ସମ୍ପର୍କିତ ତଥ୍ୟ ମିଳିବା ପରେ ବାଇକ୍‌ଗୁଡିକୁ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯିବ। ଅନ୍ୟପକ୍ଷରେ ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ତନାଘନା ଜାରି ରହିଥିବା ପୋଲିସ ସୂଚନା ଦେଇଛି। ସୋନପୁର ଏସଡିପିଓ ପୁଷ୍ପାଞ୍ଜଳି ମିଞ୍ଜୀ ଓ ତରଭା ଆଇଆଇସି ସୁବ୍ରତ ପାଣିଗ୍ରାହୀ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।





Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ବିଜେଡିରେ ଯୋଗଦେଲେ ଧରପଗଡ଼ର ବହୁ ଯୁବକ

ଟିଟିଲାଗଡ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ଼ ବିଜେଡି କାର୍ଯ୍ୟାଳୟରେ ସଇଁତଳା ବ୍ଲକ ଧରପଗଡ଼ ପଞ୍ଚାୟତର ବହୁ ଯୁବକ ମନ୍ତ୍ରୀ ଟୁକୁନି ସାହୁଙ୍କ ଉପସ୍ଥିତିରେ ଦଳରେ ଯୋଗ ଦେଇଛନ୍ତି। ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତିରେ ଅନୁପ୍ରାଣିତ ହୋଇ ଦଳରେ ଯୋଗ ଦେଇଥିବା କହିଛନ୍ତି। ଏହି ଅବସରରେ ଟିଟିଲାଗଡ଼ ବ୍ଲକର ପୂର୍ବତନ ଅଧକ୍ଷ ଭରତ ତାଣ୍ଡି, ପୂର୍ବତନ ପୌରପରିଷଦ ଅଧକ୍ଷ ଗୋବର୍ଦ୍ଧନ ନାଗ ବରିଷ୍ଠ ଆଇନଜୀବୀ କିଶୋର ସାହୁ, ପ୍ରେମ ଜୈନ ପ୍ରମୁଖ ଉପସ୍ଥିତ ଥିଲେ।

# ସଂକ୍ଷେପରେ

## ପ୍ରଚାର ବେଳେ ସମିତି ପ୍ରାର୍ଥୀଙ୍କୁ ଗାଳିଗୁଲଜ ଅଭିଯୋଗ

ପାଟଣାଗଡ,୧୦।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଭଇଁଷାଠାରେ ଉକ୍ତ ପଞ୍ଚାୟତର ସମିତି ସଭ୍ୟ ପ୍ରାର୍ଥିନୀ ଭାନୁପ୍ରିୟା ନାଏକଙ୍କୁ ପ୍ରଚାର ବେଳେ କେତେକ ବ୍ୟକ୍ତି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଭାନୁପ୍ରିୟା ଗୁରୁବାର ପାଟଣାଗଡ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ ନିଜର କେତେକ ମହିଳା ସମର୍ଥକଙ୍କ ସହ ସେ ବୁଧବାର ସନ୍ଧ୍ୟାରେ ଭଇଁଷା ପଞ୍ଚାୟତ ଅନ୍ତର୍ଗତ ଝାଙ୍କରିପାଲିରୁ ପ୍ରଚାର ସାରି ବୋଲେରୋରେ ଫେରୁଥିବା ବେଳେ ଭଇଁଷା ମିର୍ଦ୍ଧାପଡା ନିକଟରେ ସୁଶାନ୍ତ ପାତ୍ର, ବବଲୁ ସାହୁ ଏବଂ ଋଷିକେଶ ତାଙ୍କ ପ୍ରଚାର ଗାଡିକୁ ଅଟକାଇ ଥିଲେ। କୌଣସି କାରଣ ନ ଥାଇ ଗାଳିଗୁଲଜ କରିଥିଲେ। ପ୍ରଚାର ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ସହ ପୋଷ୍ଟର ବ୍ୟାନର ଚିରି ପକାଇଥିଲେ। ଗାଡିର ଚାଳକଙ୍କୁ ସେମାନେ ମାଡ ମାରିବା ସହ ଆଗକୁ ପ୍ରଚାର ବନ୍ଦ ନ କଲେ ଜୀବନରେ ମାରି ଦେବା ଧମକ ଦେଇଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ପାଟଣାଗଡ ଥାନାରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଥିବା ଏସ୍‌ଡିପିଓ ଜ୍ୟୋତିର୍ମୟ ଭୁକ୍ତା କହିଛନ୍ତି।

## ପାଟଣାଗଡ ବ୍ଲକ: ୨୭ ସମ୍ବେଦନଶୀଳ, ୨୭ ଅତି ସମ୍ବେଦନଶୀଳ ବୁଥ୍ ଚିହ୍ନଟ

ପାଟଣାଗଡ,୧୦।୨(ଡି.ଏନ.ଏ.): ଆଗାମୀ ୧୬ ତାରିଖରେ ହେବାକୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୩୦ପଞ୍ଚାୟତ ବିଶିଷ୍ଟ ପାଟଣାଗଡ ବ୍ଲକର ୩୬୦ଟି ମତଦାନ କେନ୍ଦ୍ରରେ ସମୁଦାୟ ୯୮୯୬୩ ଭୋଟର ସେମାନଙ୍କ ପ୍ରତିନିଧି ନିର୍ବାଚିତ କରିବେ। ଉକ୍ତ ମତଦାନ କେନ୍ଦ୍ର ମଧ୍ୟରୁ ପ୍ରଶାସନ ପକ୍ଷରୁ ୨୭ଟିକୁ ସମ୍ବେଦନଶୀଳ ଏବଂ ଅନ୍ୟ ୨୭ କେନ୍ଦ୍ରକୁ ଅତି ସମ୍ବେଦନଶୀଳ କେନ୍ଦ୍ର ଭାବେ ଚିହ୍ନଟ କରାଯାଇଛି। ଲରମ୍ଭା, ଧୁବଲପଡା, ତେଣ୍ଡାପଦର ଏବଂ କେନ୍ଦୁମୁଣ୍ଡି ପଞ୍ଚାୟତର ୩ଟି ଲେଖାଏ କେନ୍ଦ୍ର, ସୁନାମୁଦି, ଖୁରସେଲ, ଭରତବାହାଲ, ସୋଲବନ୍ଧ ଏବଂ ଉଲବାର ୨ଟି ଲେଖାଏ କେନ୍ଦ୍ର ଓ ଫଟାମୁଣ୍ଡା, ଡାଙ୍ଗବାହାଲ, ଗେର୍ଡା, ଘସିଏନ ଏବଂ ଯୋଗିମୁଣ୍ଡା ପଞ୍ଚାୟତର ଗୋଟିଏ ଲେଖାଏ କେନ୍ଦ୍ରକୁ ସମ୍ବେଦନଶୀଳ କେନ୍ଦ୍ର ଭାବରେ ଚିହ୍ନଟ କରାଯାଇଛି। ସେହିଭଳି ଧୁବଲପଡା ପଞ୍ଚାୟତର ସର୍ବାଧିକ ୭, ଉଲ୍‌ବାର ୫, ବାଲିପଟାର ୪ କେର୍‌ବେଡା ଏବଂ ଘୁଚେପାଲିର ୩ଟି ଲେଖାଏ ଓ ତମିଆଁ, ଡାଙ୍ଗବାହାଲ ଏବଂ ଖୁଣ୍ଟସମଲାଇ ପଞ୍ଚାୟତର ଗୋଟିଏ ଲେଖାଏ କେନ୍ଦ୍ରକୁ ଅତି ସମ୍ବେଦନଶୀଳ ଭାବରେ ଚିହ୍ନଟ କରାଯାଇଛି। ଉକ୍ତ କେନ୍ଦ୍ର ଗୁଡିକରେ ଆବଶ୍ୟକତା ଏବଂ ପରିସ୍ଥିତି ଅନୁଯାୟୀ ପୋଲିସ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଉପଖଣ୍ଡୀୟ ପୋଲିସ ଅଧିକାରୀ ଜ୍ୟୋତିର୍ମୟ ଭୁକ୍ତା ସୂଚନା ଦେଇଛନ୍ତି।

## ପୂର୍ବତନ ବିଧାୟକଙ୍କ ପୁତ୍ରବଧୂ ସରପଞ୍ଚ ପ୍ରାର୍ଥିନୀ

### ଜଟେସିଙ୍ଗା ପଞ୍ଚାୟତ


ସୁନୀତା ପଧାନ।

ଅମରପାଲି,୧୦।୨(ଡି.ଏନ.ଏ.): ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଭିନ୍ନ ପଦବୀ ପାଇଁ ବିଭିନ୍ନ ବର୍ଗର ବ୍ୟକ୍ତି ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦେଖିବାକୁ ମିଳୁଛି। କେଉଁଠି ଉଚ୍ଚ ଶିକ୍ଷିତା ପ୍ରାର୍ଥୀ ହୋଇଛନ୍ତି ତ ଆଉ କେତେକ ସ୍ଥାନରେ ପୂର୍ବତନ ବିଧାୟକ ଓ ଏମ୍‌ପିଙ୍କ ସମ୍ପର୍କୀୟ ପ୍ରାର୍ଥୀ ହୋଇଛନ୍ତି। ଏହି କ୍ରମରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଟେସିଙ୍ଘା ପଞ୍ଚାୟତରୁ ଜଣେ ପୂର୍ବତନ ବିଧାୟକଙ୍କ ପୁତ୍ରବଧୂ ସରପଞ୍ଚ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପ୍ରାର୍ଥିନୀ ଜଣକ ହେଉଛନ୍ତି ସୁନୀତା ପଧାନ। ସେ ବୀରମହାରାଜପୁରର ୨୦୦୦ରୁ ୨୦୦୩ ପର୍ଯ୍ୟନ୍ତ ବିଧାୟକ ଥିବା ବୈଷ୍ଣବ ପଧାନଙ୍କ ସାନ ପୁଅ ବିନୋବାନନ୍ଦ ପଧାନଙ୍କ ସ୍ତ୍ରୀ। ସୁନୀତାଙ୍କ ଦେଢଶୁର ବିବେକାନନ୍ଦ ପଧାନ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ବୀରମହାରାଜପୁର ବ୍ଲକ ଅଧକ୍ଷ ମଧ୍ୟ ଥିଲେ। ଜଟେସିଙ୍ଘାଂ ପଞ୍ଚାୟତରୁ ସୁନିତାଙ୍କ ବିପକ୍ଷରେ ଜଣେ ମାତ୍ର ପ୍ରାର୍ଥୀ ଗଣପତି ପଣ୍ଡା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସୂଚନାଯୋଗ୍ୟ, ସୁନୀତା ଗତ ୨୦୧୭ ପଞ୍ଚାୟତ ନିର୍ବାଚନରେ ପିତାମହୁଲ ପଞ୍ଚାୟତରୁ ସମିତି ସଭ୍ୟା ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

# ତିନି ପ୍ରମୁଖ ଦଳ ପାଇଁ ଚ୍ୟାଲେଞ୍ଜ

ଲୋଇସିଂହା,୧୦।୨(ଡି.ଏନ.ଏ.)

### ଲୋଇସିଂହା ବ୍ଲକ ୩୩ ନଂ ଜିଲା ପରିଷଦ ଜୋନ୍


ଲକ୍ଷ୍ମୀପ୍ରିୟା ମିଶ୍ର


ତନୟା ବେହେରା


ଲିଲିମା ବେହେରା

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ସଦର ପଞ୍ଚାୟତ ଲୋଇସିଂହା, ହୀରାପୁର, ବୁର୍ଡା, ବୁଢୀପଦର, ଯୋଗୀସର୍ଡା, ବାଦିବାହାଲ, କୁଟେନପାଲି, କନ୍ଦାଜୁରୀ ଓ କୁଶଙ୍ଗ ପଞ୍ଚାୟତକୁ ନେଇ ୩୩ ନଂ ଜୋନ୍ ଗଠିତ। ମୋଟ ଭୋଟର ସଂଖ୍ୟା ୩୭,୩୦୬। ଏହି ଜୋନ୍ ସାଧାରଣ ବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଭାଜପାରୁ ଲକ୍ଷ୍ମୀପ୍ରିୟା ମିଶ୍ର, କଂଗ୍ରେସରୁ ତନୟା ବେହେରା ଏବଂ ବିଜେଡିରୁ ଲିଲିମା ବେହେରା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି ଆସନରୁ ୨୦୦୭ରେ କଂଗ୍ରେସ, ୨୦୧୨ରେ ବିଜେଡି ଏବଂ ୨୦୧୭ରେ ଭାଜପା ଦଖଲ କରିଥିଲା।

ଭାଜପା ପ୍ରାର୍ଥିନୀ ଲକ୍ଷ୍ମୀପ୍ରିୟ ମିଶ୍ର ରାଜନୀତିରେ ନୂଆ ହୋଇଥିଲେ ହେଁ ଏକ ରାଜନୈତିକ ପରିବାରରୁ ଆସିଛନ୍ତି। ଯୋଗୀସର୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ଗଦାଧର ମିଶ୍ରଙ୍କ ସେ ପୁତ୍ରବଧୂ। ଶ୍ୱଶୁରଙ୍କ ପତିଆରା ଏବଂ ମୋଦି ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ପାଥେୟ କରି ଲକ୍ଷ୍ମୀପ୍ରିୟା ଭୋଟରଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଚଳିତ ଥର ଏହି ଆସନକୁ ଦଖଲ କରିବା ଭାଜପା ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ସ୍ଥାନୀୟ ବିଧାୟକ ମୁକେଶ ମହାଲିଙ୍ଗ ଦଳ ପାଇଁ ପ୍ରଚାର ମଙ୍ଗ ଧରିଛନ୍ତି। ସେହିପରି କଂଗ୍ରେସରୁ ପ୍ରାର୍ଥୀ ହୋଇଛନ୍ତି କନ୍ଦାଜୁରୀ ପଞ୍ଚାୟତର ସରପଞ୍ଚ ତନୟା ବେହେରା। ବିଭିନ୍ନ ଉନ୍ନୟନମୂଳକ କାମରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଫଳତା ଏବଂ ନରସିଂହ ମିଶ୍ର ଲୋଇସିଂହା ନିର୍ବାଚନ ମଣ୍ଡଳୀର ବିଧାୟକ ଥିବା ସମୟରେ ହୋଇଥିବା ବିକାଶ ସମ୍ପର୍କରେ ତନୟା ପ୍ରଚାର ବେଳେ ଲୋକଙ୍କୁ କହୁଛନ୍ତି। ଇତିମଧ୍ୟରେ ବିଧାନ ସଭାରେ କଂଗ୍ରେସ ବିଧାୟକ ଦଳ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ତନୟାଙ୍କ ପାଇଁ ପ୍ରଚାର କରି ସାରିଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସବୁକ୍ଷେତ୍ରରେ ବିଫଳ ହୋଇଥିବାରୁ କଂଗ୍ରେସ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ସେ ନିବେଦନ କରିଥିଲେ।

ବିଜେଡିରୁ ପ୍ରାର୍ଥୀ ହୋଇଥିବା ଲିଲିମା ବେହେରା ଲୋଇସିଂହା ବ୍ଲକ ବିଜେଡି ସଭାପତି ହୃଦୟାନନ୍ଦ ବେହେରାଙ୍କ ସ୍ତ୍ରୀ। ଦଳୀୟ ସାଂଗଠନିକ ପଦରେ ଥିବାରୁ ସ୍ତ୍ରୀଙ୍କ ବିଜୟ ପାଇଁ ହୃଦୟାନନ୍ଦ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ମୁକେଶ ମହାଲିଙ୍ଗ ଭାଜପା ବିଧାୟକ ଅଛନ୍ତି। ୩୩ନଂ ଜୋନ୍‌ରେ ଭାଜପା ବିଜୟୀ ହୋଇଥିଲା। ଏହାସତ୍ତ୍ୱେ ଜୋନ୍ ଅଞ୍ଚଳରେ କୌଣସି ବିକାଶ ହେଲାନାହିଁ। ତେଣୁ ଚଳିତ ଥର ଦଳୀୟ ପ୍ରାର୍ଥିନୀ ଲିଲିମାଙ୍କୁ ବିଜୟୀ କରିବାକୁ ପୂର୍ବତନ ଏମ୍‌ପି କଲିକେଶ ନାରାୟଣ ସିଂଦେଓ ଭୋଟରଙ୍କୁ ନିବେଦନ କରିଛନ୍ତି। ୩୩ ନଂ ଜୋନ୍ ଲୋଇସିଂହା ନିର୍ବାଚନ ମଣ୍ଡଳୀର ସଦର ମହକୁମା ହୋଇଥିବାରୁ ଭାଜପା, ବିଜେଡି ଏବଂ କଂଗ୍ରେସ ପାଇଁ ସମ୍ମାନର ଆସନ ପରିଗଣିତ ହୋଇଛି।

# ‘ଗ୍ରାମାଞ୍ଚଳ ବିକାଶ କଂଗ୍ରେସ ଦ୍ୱାରା ସମ୍ଭବ’


ବିଧାୟକ ନରସିଂହ ମିଶ୍ର ୩୪ ନମ୍ବର ଜିଲା ପରିଷଦ ଜୋନ୍‌ରେ କଂଗ୍ରେସ ପ୍ରାର୍ଥିନୀଙ୍କ ପାଇଁ ପ୍ରଚାର କରୁଛନ୍ତି।

ବଲାଙ୍ଗୀର ଅଫିସ, ୧୦।୨

### ଲୋଇସିଂହା ବ୍ଲକରେ ନରସିଂହଙ୍କ ନିର୍ବାଚନୀ ପ୍ରଚାର

ବିଗତ କିଛି ବର୍ଷ ହେବ କ୍ରମାଗତଭାବେ ଲୋକେ ଭାଜପା ଓ ବିଜେଡିକୁ ଭୋଟ ଦେଇ ଆସୁଛନ୍ତି। ଏହା ସତ୍ତ୍ୱେ ଲୋକେ ସାଧାରଣ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ରହୁଛନ୍ତି। ନିର୍ବାଚନ ପରେ ଗ୍ରାମାଞ୍ଚଳର ଅବସ୍ଥା ସୁଧୁରୁନି। ଗାଁର ବିକାଶରେ କେବଳ କଂଗ୍ରେସ ଦଳ ହିଁ ପ୍ରାଧାନ୍ୟ ଦେଇଛି ବୋଲି ଗୁରୁବାର ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଲୋଇସିଂହା ବ୍ଲକରେ ଅନୁଷ୍ଠିତ ନିର୍ବାଚନୀ ସଭାଗୁଡ଼ିକରେ ଏହା କହିଛନ୍ତି। ଜିଲା ପରିଷଦ ଜୋନ୍ ୩୪ର କଂଗ୍ରେସ ପ୍ରାର୍ଥିନୀ ସବିତା କାଲସାଏଙ୍କ ପାଇଁ ନିର୍ବାଚନ ପ୍ରଚାର ସମୟରେ ନରସିଂହ ଭାଜପା ଓ ବିଜେଡିକୁ କଡା ସମାଲୋଚନା କରିଥିଲେ। ଲୋଇସିଂହା ବ୍ଲକର କୁସମେଲ, ଲଙ୍କାବାହାଲ, ଗୁଙ୍ଗି, ଗଡଶଙ୍କର ଡୁଙ୍ଗୁରିପାଲି, ରାଙ୍ଗାଲି, ତାଲଜୁରି, ଫାଲସମାଲ, ଉପରବାହାଲ ଓ ଗେର୍ଟି ଗାଁ ବୁଲିଲା ବେଳେ ବିଧାୟକ ମିଶ୍ର କହିଥିଲେ ଯେ, ନିର୍ବାଚନ ସମୟ ଆସିଲେ ବିଭିନ୍ନ ଦଳ ବିଗତ ଦିନର ନିଷ୍କ୍ରିୟତା ଓ ବିଫଳତା ଲୁଚାଇବା ପାଇଁ ଜନତାଙ୍କୁ ଭୟ ତଥା ପ୍ରଲୋଭନ ଦେଖାଇ ପୁଣି ଥରେ ଭୋଟ ହାତେଇବାକୁ ହୀନ ପ୍ରୟାସ କରିଥାନ୍ତି। ତେଣୁ ଲୋକେ ନିର୍ବାଚନରେ ପ୍ରାର୍ଥୀ ଚୟନ ସମୟରେ ଭୟ ତଥା ପ୍ରଲୋଭନର ବଶବର୍ତ୍ତୀ ହୁଅନ୍ତୁ ନାହିଁ। କେବଳ ଗାଁର ସାମୂହିକ ସ୍ୱାର୍ଥ ଓ ବିକାଶକୁ ପ୍ରାଥମିକତା ଦେଇ ପ୍ରାର୍ଥୀ ଚୟନ କରନ୍ତୁ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମଗୁଡ଼ିକରେ ପ୍ରାର୍ଥିନୀ କାଲସାଏଙ୍କ ସହ ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା, ବ୍ଲକ କଂଗ୍ରେସ ସଭାପତି ଅରବିନ୍ଦ ସାହୁ, ସନାତନ ସିଂ, ସଞ୍ଜୟ ଗଡତିଆ, ଟଙ୍କଧର ଗଡତିଆ ଓ କୁନ୍ତଳା ଗଡତିଆ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ଜିଲା ପରିଷଦ ଜୋନରେ ବିଜେଡି କର୍ମୀ ସମ୍ମିଳନୀ

ସଇଁତଳା, ୧୦।୨(ଡି.ଏନ.ଏ.)


ସଇଁତଳାରେ ମନ୍ତ୍ରୀ ସୁଶାନ୍ତ ସିଂ ଓ ଟୁକୁନି ସାହୁ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି।

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଅଞ୍ଚଳରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ଗୁରୁବାର ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ଓ ମନ୍ତ୍ରୀ ଟୁକୁନୀ ସାହୁ ସଇଁତଳା ବ୍ଲକ ଜିଲା ପରିଷଦ ଜୋନ ୩୦ର ଡୁଷ୍ଟାପାଲି, ଜୋନ-୩୧ର ଉଲବା ଓ ଜୋନ-୩୨ର ବୁଢ଼ାବାହାଲ ପଞ୍ଚାୟତର ଡୁଙ୍ଗୁରିପାଲିଠାରେ କର୍ମୀ ସମ୍ମିଳନୀରେ ଯୋଗଦେଇଥିଲେ। ପଞ୍ଚାୟତ ସମିତି ଅଧକ୍ଷ ପଦରେ ବିଜେଡ଼ି ସମର୍ଥିତଙ୍କୁ ବସାଇବା ପାଇଁ ସମିତି ସଭ୍ୟ ପ୍ରାର୍ଥୀମାନଙ୍କୁ ବହୁ ସଂଖ୍ୟାରେ ବିଜୟୀ କରିବାକୁ ପାଇଁ କର୍ମୀ ସମ୍ମିଳନୀରେ ମନ୍ତ୍ରୀମାନେ ଆହ୍ୱାନ ଦେଇଥିଲେ। ସେହିପରି ଜିଲା ପରିଷଦ ପ୍ରାର୍ଥୀ ହିମାଞ୍ଚଳ ବୁଡେକ, ରୀତା ହାତୀ ଓ ପାଣ୍ଡବ ସାହୁଙ୍କୁ ବିଜୟୀ କରିବା ପାଇଁ କର୍ମୀମାନେ ଏକଜୁଟ ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ। ସଇଁତଳା, ବୁଢ଼ାବାହାଲ, ଆମ୍ବପାଲି, କନ୍ଧକେଲଗାଁ, କେରମେଲି, ବିବିନା, ଡେଙ୍ଗ, କୁମ୍ଭାରୀ ଓ ତାଲବାହାଲ ପଞ୍ଚାୟତକୁ ନେଇ ଗଠିତ ୩୨ନମ୍ବର ଜୋନରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଦୁଇମନ୍ତ୍ରୀଙ୍କ ସମେତ ବିଜେଡ଼ି ଜିଲା ଉପସଭାପତି ସୁରେନ୍ଦ୍ର ସାହୁ, ବ୍ଲକ ସଭାପତି ଟୁନୁ ରାଜପାଲିଆ, ଦ୍ରୋପଦୀ ପାତ୍ର, ବିଜେଡ଼ି ପ୍ରାର୍ଥୀ ପାଣ୍ଡବ ସାହୁ ଏବଂ ଦଳୀୟ ସମର୍ଥନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମିତି ସଭ୍ୟ ପ୍ରାର୍ଥୀମାନେ ଉଦବୋଧନ ଦେଇଥିଲେ। ଏହି ଅବସରରେ ଘୁନସର, ଦେଉଳି, ବେଲଗାଁ, ଭଦ୍ରା, ଡୁଙ୍ଗୁରିପାଲି, ଡୁମେରମୁଣ୍ଡା ପ୍ରଭୃତି ଅଞ୍ଚଳର ଅନ୍ୟଦଳର ଶତାଧିକ କର୍ମୀ ବିଜେଡ଼ିରେ ଯୋଗଦେଇଥିଲେ।

# ତ୍ରିମୁଖୀ ଲଢେଇ, ପ୍ରଚାର ଜୋରଦାର

ଜାମଟିକ୍ରା, ୧୦।୨(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ ୪ଟି ଜିଲା ପରିଷଦ ଜୋନ ହାତେଇବା ପାଇଁ ତିନି ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଓ ଭାଜପା ପକ୍ଷରୁ ପ୍ରଚାର କରାଯାଉଛି। ନିର୍ବାଚନ ଦିନ ଯେତିକି ପାଖେଇ ଆସୁଛି ସେଭଳି ଭାବେ ରାଜନୈତିକ ଦଳ ପକ୍ଷରୁ ପ୍ରଚାର ରଣନୀତିକୁ ଜୋରଦାର କରାଯାଉଛି। ପ୍ରାର୍ଥୀମାନେ ଦଳୀୟ ଚିହ୍ନ ସହ ସମର୍ଥକ ଓ କର୍ମୀଙ୍କୁ ସାଥୀରେ ନେଇ ଏବେ ପ୍ରଚାର ମୈଦାନକୁ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଏହାସହିତ ଘରକୁ ଘର ବୁଲି ଭୋଟରଙ୍କୁ ଭେଟି ନିଜ ସପକ୍ଷରେ ମତଦାନ ପାଇଁ ନିବେଦନ କରୁଛନ୍ତି। ଭୋଟର କିନ୍ତୁ ଚୁପ୍ ରହିଥିବା ଦେଖିବାକୁ ମିଳିଛି।

ଅତାବିରା ୧ ନଂ. ଜିଲା ପରିଷଦ ଜୋନରେ ବିଜେଡି ପ୍ରାର୍ଥୀ ସୁଦାମ ଜାଲ ଗାଁ ଗାଁ ବୁଲି ଭୋଟ ଭିକ୍ଷା କରୁଥିବା ବେଳେ ଭାଜପାର ପ୍ରାର୍ଥୀ ବିରେନ୍ଦ୍ର କୁମାର ଯାଦବ ଏବଂ କଂଗ୍ରେସ ପ୍ରାର୍ଥୀ ସୁରେଶ ମାଝି ପ୍ରଚାର ଚଳାଇଛନ୍ତି। ୨ ନଂ. ଜୋନ୍‌ରେ ବିଜେଡିରୁ ରଣଜୀତ ପଧାନ, ଭାଜପାରୁ ପୁଷ୍ପକ ଗାଇଗରିଆ, କଂଗ୍ରେସରୁ ଅକ୍ଷୟ ପତି ନିଜ ନିଜ ଶୈଳୀରେ ପ୍ରଚାର ଅଭିଯାନକୁ ଆଗେଇ ନେଉଛନ୍ତି। ଜୋନ୍ ନଂ. ୩ରେ ଭାଜପାର ସୂର୍ଯ୍ୟକାନ୍ତି ସାହୁ, ବିଜେଡିର ମମତା ପଧାନ ଓ କଂଗ୍ରେସର ବାସନ୍ତୀ ବାରିକ ଏବଂ ୪ ନଂ ଜୋନ୍‌ରୁ ବିଜେଡିର ଶମ୍ଭୁ ସେଠ, ଭାଜପାର ଅନ୍ତରାମ ଭୋସାଗର ଓ କଂଗ୍ରେସର ଉମାଶଙ୍କର ବାଗ ଘର ଘର ବୁଲି ପ୍ରଚାର କରୁଛନ୍ତି।

ଗତ ଥର ୪ ଜୋନରୁ ୩ଟିରେ ଭାଜପା ବିଜୟ ଲାଭ କରିଥିଲା। ଏଥର ଭାଜପା ୪ଟି ଆସନରେ ବିଜୟ ଲାଭ କରିବା ପାଇଁ ପ୍ରାଣପଣେ ଚେଷ୍ଟା କରୁଛି। ଅନ୍ୟପକ୍ଷେ ବିଜେଡି ଏହି ଜୋନ୍‌ଗୁଡିକରେ ନିଜ ପ୍ରାର୍ଥୀଙ୍କୁ ଜିତାଇବାକୁ ରଣକୌଶଳ କରୁଥିବା ବେଳେ କଂଗ୍ରେସ ସଙ୍ଗଠନକୁ ସୁଦୃଢ କରି ପ୍ରଚାର ମୈଦାନକୁ ଓହ୍ଲାଇଛି।

# ପୌର ନିର୍ବାଚନ ପାଇଁ ପ୍ରାଥମିକ ଭୋଟର ତାଲିକା ପ୍ରକାଶ


ସର୍ବଦଳୀୟ ବୈଠକରେ ଉପସ୍ଥିତ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା।

ବୌଦ୍ଧ,୧୦।୨(ସ୍ୱ.ପ୍ର.)

### ବୌଦ୍ଧ ବିଜ୍ଞାପିତ ଅଞ୍ଚଳରେ ଭୋଟର ସଂଖ୍ୟା ୧୫୭୨୮

ଚଳିତ ପଞ୍ଚାୟତ ନିର୍ବାଚନର ସରଗରମ ମଧ୍ୟରେ ରାଜ୍ୟ ନିର୍ବାଚନ କମିଶନ ପକ୍ଷରୁ ପୌର ନିର୍ବାଚନର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଗୁରୁବାର ଜିଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ପୌର ନିର୍ବାଚନ ପାଇଁ ପ୍ରାଥମିକ ଭୋଟର ତାଲିକା ପ୍ରକାଶ କରାଯାଇଛି। ବୌଦ୍ଧ ଜିଲାର ଏକମାତ୍ର ବିଜ୍ଞାପିତ ଅଞ୍ଚଳ ପରିଷଦ ଲାଗି ହେବାକୁ ଥିବା ନିର୍ବାଚନ ପାଇଁ ନୋଡାଲ ଅଧିକାରୀ ଭାବରେ ବୌଦ୍ଧ ତହସିଲଦାର ଅବିନାଶ ପାଣ୍ଡିଆଙ୍କୁ ନିଯୁକ୍ତି ଦିଆଯାଇଛି। ଗୁରୁବାର ନିର୍ବାଚନ ଅଧିକାରୀ ପାଣ୍ଡିଆଙ୍କ ଅଧକ୍ଷତାରେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଏକ ସର୍ବଦଳୀୟ ବୈଠକ ଡକାଯାଇ ୧୭ ଗୋଟି ୱାର୍ଡ ପାଇଁ ପ୍ରାଥମିକ ଭୋଟର ତାଲିକା ପ୍ରକାଶ କରାଯାଇଛି। ପ୍ରାଥମିକ ଭୋଟର ତାଲିକାରେ ସମୁଦାୟ ଭୋଟରଙ୍କ ସଂଖ୍ୟା ୧୫୭୨୮। ସେମାନଙ୍କ ମଧ୍ୟରେ ୭୮୧୦ ଜଣ ପୁରୁଷ ଓ ୭୯୧୮ ଜଣ ମହିଳା ଭୋଟର ଅଛନ୍ତି। ୨୦୨୨ ଜାନୁୟାରୀ ମାସରେ ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରକାଶ ପାଇଥିବା ବିଧାନସଭା ଚୂଡାନ୍ତ ଭୋଟର ତାଲିକା ଆଧାରରେ ବିଜ୍ଞାପିତ ଅଞ୍ଚଳ ପରିଷଦର ପ୍ରାଥମିକ ଭୋଟର ତାଲିକା ପ୍ରକାଶ କରାଯାଇଥିବା ବେଳେ ଏଥିରେ କୌଣସି ଆପତ୍ତି କିମ୍ବା ସଂଶୋଧନ ଆବଶ୍ୟକ ଥିଲେ ୧୧ରୁ ୧୬ ତାରିଖ ମଧ୍ୟରେ ନିର୍ଦ୍ଧାରିତ ଫର୍ମରେ ପରିଷଦ କାର୍ଯ୍ୟାଳୟରେ ଆବେଦନ କରିବାକୁ ସୂଚନା ଦିଆଯାଇଛି। ୨୨ ତାରିଖ ମଧ୍ୟରେ ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଭୋଟର ତାଲିକା ନେଇ ଆପତ୍ତି ଅଭିଯୋଗ କରାଯାଇପାରିବ ଏବଂ ୨୩ ତାରିଖରେ ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କ ଦ୍ୱାରା ସମସ୍ତ ଆପତ୍ତି ଅଭିଯୋଗର ବିଚାର କରାଯିବା ପରେ ଫେବୃୟାରୀ ୨୪ ତାରିଖରେ ପୌର ନିର୍ବାଚନ ପାଇଁ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ଜଣାଯାଇଛି। ବୈଠକରେ ବିଜେଡିର ସଂପାଦକ ଶିତାଂଶୁ ଶେଖର ମହାକୁଡ, ଭାଜପା ସଂପାଦକ ତାପସ କୁମାର ପଟ୍ଟନାୟକ,କଂଗ୍ରେସର ଗଣେଶ କୁମାର ଅଗ୍ରୱାଲା ଓ କେଦାରନାଥ ସାହୁ ଯୋଗ ଦେଇଥିଲେ।

# ବିଜେଡି, କଂଗ୍ରେସ, ଭାଜପା ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା

ବଲାଙ୍ଗୀର ଅଫିସ, ୧୦।୨

### ପାଟଣାଗଡ଼ ଉପଖଣ୍ଡରେ ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ

- ୮ ଜିଲା ପରିଷଦ ଜୋନ ପାଇଁ ଲଢ଼େଇ
- ମତଦାନ କରିବେ ୨ ଲକ୍ଷ ୭୧ ହଜାର ୯୬୩ ଭୋଟର

ତ୍ରିସ୍ତରୀୟ ନିର୍ବାଚନ ତାରିଖ ପାଖେଇ ଆସୁଥିବାବେଳେ ପ୍ରାର୍ଥୀମାନେ ପ୍ରଚାର କାର୍ଯ୍ୟକୁ ଜୋରଦାର କରୁଛନ୍ତି। ୫ ପର୍ଯ୍ୟାୟବିଶିଷ୍ଟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟରେ ବଲାଙ୍ଗୀର ଜିଲା ପାଟଣାଗଡ ଉପଖଣ୍ଡର ପାଟଣାଗଡ, ବେଲପଡା ଓ ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ୮ ଜିଲା ପରିଷଦ ଜୋନ୍, ୭୫ ପଞ୍ଚାୟତରେ ସରପଞ୍ଚ, ସମିତି ସଭ୍ୟ ଏବଂ ୯୦୭ ୱାର୍ଡ ସଭ୍ୟ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ୨ ଲକ୍ଷ ୭୧ ହଜାର ୯୬୩ ଭୋଟର ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଖପ୍ରାଖୋଲ ବ୍ଲକରେ ଦୁଇଟି ଜିଲା ପରିଷଦ ଜୋନ୍ ରହିଛି। ଜୋନ୍ ୩ରେ ୫ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଜୋନ୍ ୪ରେ ବି ସମାନ ସଂଖ୍ୟକ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି ଦୁଇ ଜୋନ୍‌ରେ ଭାଜପା, ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ପାଟଣାଗଡ ବ୍ଲକ୍ ଅନ୍ତର୍ଗତ ୩ ଜିଲା ପରିଷଦ ଜୋନ୍ ୧୪, ୧୫ ଓ ୧୬ରେ ୧୦ ଜଣ ପ୍ରାର୍ଥୀ ମଇଦାନରେ ଅଛନ୍ତି। ତେବେ ଏହି ତିନି ଜୋନ୍‌ରେ ବି ପ୍ରତିଦ୍ୱନ୍ଦ୍ୱିତା ତିନି ପ୍ରମୁଖ ଦଳ ମଧ୍ୟରେ ଚାଲିଛି। ବେଲପଡା ବ୍ଲକରେ ରହିଛି ୩ଟି ଜିଲା ପରିଷଦ ଜୋନ୍। ୨୪, ୨୫ ଓ ୨୬ରେ ୧୦ଜଣ ପ୍ରାର୍ଥୀ ରଣାଙ୍ଗନରେ ରହିଛନ୍ତି। ପ୍ରତିଦ୍ୱନ୍ଦ୍ୱିତା ମୁଖ୍ୟତଃ ଭାଜପା, ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ଚାଲିଛି। ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଟଣାଗଡ ଉପଖଣ୍ଡରେ ପ୍ରଚାର ଅଭିଯାନ ଚାଲିଛି। ବିଜେଡି ପକ୍ଷରୁ ପାଟଣାଗଡ ବିଧାୟକ ସରୋଜ ମେହେର ନିର୍ବାଚନୀ ମଙ୍ଗ ଧରିଛନ୍ତି। କଂଗ୍ରେସ ପକ୍ଷରୁ ରମେଶ ମେହେର ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି।

# ପୃଥକ୍ ପଞ୍ଚାୟତରେ ଦମ୍ପତି ସମିତି ସଭ୍ୟ ପ୍ରାର୍ଥୀ

ଲୋଇସିଂହା,୧୦।୨(ଡି.ଏନ.ଏ)

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକର ଦୁଇଟି ପଞ୍ଚାୟତ ଚର୍ଚ୍ଚାରେ ରହିଛି। ଆଗଲପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମନମୋହନ ପଟେଲ ଝରଣୀପାଲି ପଞ୍ଚାୟତରୁ ସମିତି ସଭ୍ୟ ପ୍ରାର୍ଥୀଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତାଙ୍କ ସ୍ତ୍ରୀ ତଥା ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷା ଜୟନ୍ତୀ ପଟେଲ ଉପରବାହାଲ ପଞ୍ଚାୟତରୁ ସମିତି ସଭ୍ୟ ପ୍ରାର୍ଥିନୀ ଭାବେ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ଚଳିତ ଥର ଅଧକ୍ଷ ପଦ ମହିଳାଙ୍କ ପାଇଁ ସଂରକ୍ଷିତ ଥିବାରୁ ପଟେଲ ଦମ୍ପତିଙ୍କ ଆଖି ଉକ୍ତ ପଦ ଉପରେ ରହିଛି। ଏଥିପାଇଁ ସେମାନେ ବିଜୟ ପାଇଁ ଭୋଟରଙ୍କୁ ମନାଇବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ମନମୋହନ ପଟେଲ ୨୦୦୨ରେ ଡୁଡୁକା ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ୨୦୦୭ରେ ଆଗଲପୁର ବ୍ଲକ ଜୋନ୍ ନଂ ୨ରୁ ସେ ଜିଲା ପରିଷଦ ସଭ୍ୟ ହୋଇଥିଲେ। ୨୦୧୨ରେ ପତ୍ନୀ ଜୟନ୍ତୀ ପଟେଲଙ୍କୁ ଉପରବାହାଲ ପଞ୍ଚାୟତରୁ ବିଜୟୀ କରାଇ ପଞ୍ଚାୟତ ସମିତି ଅଧକ୍ଷ ପଦରେ ବସାଇଥିଲେ।


ଜୟନ୍ତୀ ପଟେଲ ଓ ମନମୋହନ ପଟେଲ।

୨୦୧୭ ମନମୋହନ ନଅଗାଁ(ଖ) ପଞ୍ଚାୟତରୁ ଓ ଜୟନ୍ତୀ ବେନ୍ଦ୍ରା ପଞ୍ଚାୟତରୁ ସମିତି ସଭ୍ୟଭାବେ ବିଜୟୀ ହୋଇଥିଲେ। ଅଧ୍ୟକ୍ଷ ପଦ ଅନୁସୂଚିତ ଜାତି ମହିଳା ପାଇଁ ସଂରକ୍ଷିତ ଥିବାରୁ ତାଙ୍କ ସମର୍ଥନରେ ସୁନୀତା ମାଝି ଅଧକ୍ଷ ନିର୍ବାଚିତ ହୋଇଥିଲେ ଏବଂ ସେ ଉପାଧକ୍ଷ ହୋଇଥିଲେ। ଗତ ଦୁଇ ଦଶନ୍ଧିର ଜନ ସମ୍ପର୍କରେ ଚଳିତ ଥର ମଧ୍ୟ ତାଙ୍କୁ ବିଜୟୀ କରାଇବ ବୋଲି ମନମୋହନ କହିଛନ୍ତି।

# ବିଜେଡି ପାଇଁ ସମ୍ମାନର ପ୍ରଶ୍ନ

ସୋନପୁର,୧୦।୨(ନି.ପ୍ର.)

### ଡୁଙ୍ଗୁରିପାଲି ବ୍ଲକ ୩ ନଂ ଜିଲା ପରିଷଦ ଜୋନ


ଗଣେଶ ଭୋଇ(ବିଜେଡି)


ହରିବନ୍ଧୁ କଠାର(ଭାଜପା)


ସୁନିଲ କୁମାର ସାହୁ(କଂଗ୍ରେସ)

### ୨୦୧୭ ଭୋଟ ଫଳାଫଳ

| ଦଳ | ପାଇଥିବା ଭୋଟ |
|---|---|
| ବିଜେଡି | ୧୦୮୯୦ |
| ଭାଜପା | ୧୦୮୩୩ |
| କଂଗ୍ରେସ | ୪୭୮୯ |

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ୩ ନମ୍ବର ଜିଲା ପରିଷଦ ଜୋନ ରାଜନୈତିକ ଦୃଷ୍ଟିକୋଣରୁ ବେଶ ଗୁରୁତ୍ୱପୂର୍ଣ୍ଣ। ଏହି ଜୋନ ବିଜୁ ଜନତା ଦଳର ଗଡ ଭାବେ ପରିଚିତ। ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଘର ଏହି ଜୋନର ରାମପୁରରେ। ତେଣୁ ଏଠାରେ ବିଜୟ ଧାରା ବଜାୟ ରଖିବା ବିଜେଡି ପାଇଁ ସମ୍ମାନର କଥା। ସେହିପରି ଭାଜପାର ବରିଷ୍ଠ ନେତା ତଥା ଦଳୀୟ ବିଧାୟକ ପ୍ରାର୍ଥୀ ଅଶୋକ ପୂଜାରୀଙ୍କ ଘର ରାମପୁର ହୋଇ ଥିବାରୁ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ସେ ପ୍ରଚାରକୁ ଜୋରଦାର କରିଛନ୍ତି। କଂଗ୍ରେସ ପ୍ରାର୍ଥୀ ମଧ୍ୟ ଘରକୁ ଘର ବୁଲି ଜନ ସମର୍ଥନ ଯୋଗାଡରେ ଲାଗି ପଡିଛନ୍ତି। ତେଣୁ ଏଠାରେ ତିନି ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳୁଛି।

ଏହି ଜଳସେଚିତ ଅଞ୍ଚଳ ଧାନ ଚାଷ ପାଇଁ ବେଶ ପ୍ରସିଦ୍ଧ। ଅଧିକାଂଶ ଚାଷୀ ଖରିଫ ଓ ରବି ଋତୁରେ ଧାନ ଚାଷ କରିଥାନ୍ତି। ରାମପୁର, ମାୟାବାର୍ହା, ପଣ୍ଡକିଟାଲ, ଟାଙ୍ଗରକର୍ଲେ, ବଡକର୍ଲେ, ଅନ୍ଧାରିବାଞ୍ଜି, ଗଜବନ୍ଧ, ବାଙ୍କିପାଲି ଓ ଭୀମଟିକିରା ଆଦି ୯ଟି ପଞ୍ଚାୟତ ଏହି ଜୋନରେ ରହିଛି। ଜୋନର ମୋଟ ବୁଥ୍ ସଂଖ୍ୟା ୧୧୫। ମୋଟ ଭୋଟର ସଂଖ୍ୟା ୩୪୦୨୦। ଆସନ୍ତା ୧୬ ତାରିଖ ପ୍ରଥମ ପର୍ଯ୍ୟାୟରେ ଏଠାରେ ମତଦାନ ଅନୁଷ୍ଠିତ ହେବ। ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏହି ଜୋନରେ ବିଜେଡି ଓ ଭାଜପା ପ୍ରାର୍ଥିନୀଙ୍କ ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳିଥିଲା। ବିଜେଡି ପ୍ରାର୍ଥିନୀ ମମତା ମଟାରି ମାତ୍ର ୫୭ ଖଣ୍ଡ ଭୋଟ ବ୍ୟବଧାନରେ ଭାଜପା ପ୍ରାର୍ଥିନୀ ପବିତା ପଧାନଙ୍କୁ ପରାସ୍ତ କରିଥିଲେ। ଏଥର ଏହି ଜୋନ ଅସଂରକ୍ଷିତ ରହିଛି। ନିର୍ବାଚନ ମଇଦାନରେ ଅଛନ୍ତି ବିଜେଡିର ଗଣେଶ ଚନ୍ଦ୍ର ଭୋଇ, ଭାଜପାର ହରିବନ୍ଧୁ କଠାର, କଂଗ୍ରେସର ସୁନିଲ କୁମାର ସାହୁ ଓ ସ୍ୱାଧୀନ ପ୍ରାର୍ଥୀ କାମଦେବ ସୁନା। ବିଜେଡି ନିଜର ଗଡ ରକ୍ଷା ପାଇଁ ଉଦ୍ୟମ କରୁଥିବା ବେଳେ ଭାଜପା ଓ କଂଗ୍ରେସ ଏହି ଆସନକୁ ହାତେଇବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି। ସୂଚନାଯୋଗ୍ୟ, ଏହି ଜୋନରେ ଚଳିତ ଖରିଫରେ ପଞ୍ଜୀକୃତ ହୋଇଥିବା କେତେଜଣ ଚାଷୀ ଟାର୍ଗେଟ୍ ନ ଥିବା କାରଣରୁ ସରକାରୀ ଦରରେ ଧାନ ବିକ୍ରି କରି ପାରି ନାହାନ୍ତି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଡାକ୍ତର ଓ କର୍ମଚାରୀଙ୍କ ଅଭାବ ଲାଗି ରହିଛି। ଅଞ୍ଚଳବାସୀଙ୍କୁ ଚିକିତ୍ସା ପାଇଁ ୨୦ କିଲୋମିଟର ଦୂର ଡୁଙ୍ଗୁରିପାଲି ଓ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯିବାକୁ ପଡୁଛି। ସେହିପରି ବର୍ଦ୍ଧିତ ବିଦ୍ୟୁତ୍ ବିଲ୍‌କୁ ନେଇ ଜନ ଅସନ୍ତୋଷ ଲାଗି ରହିଛି।

**ଜିଲାପାଳଙ୍କ ଝାରବନ୍ଧ ବ୍ଲକ ଗସ୍ତ**

ଝାରବନ୍ଧ,(ଡି.ଏନ.ଏ): ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ ଗୁରୁବାର ଝାରବନ୍ଧ ବ୍ଲକକୁ ଗସ୍ତ କରିଥିଲେ। ତାଙ୍କର ଏହି ଗସ୍ତ ବେଳେ ସେ ସ୍ଥାନୀୟ ୫-ଟି ସ୍କୁଲ ପରିଦର୍ଶନ କରିଥିଲେ। ଜିଲାପାଳ ବାନାର୍ଜୀ ଗୋଛୁଗୁଡ଼ା, ଝାରବନ୍ଧ, ତଭା, ବଡ଼ଅନଳି, ଭଣ୍ଡାରପୁରା, ଡୁଙ୍ଗୁରୀପାଲି, ଗଉଡ଼ପାଲି, ଜଗଦଲପୁର ସ୍କୁଲ ପରିଦର୍ଶନ କରି ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ଏହାସହିତ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଥିଲେ। ଝାରବନ୍ଧ ବିଡ଼ିଓ ସୁନୀଲ କୁମାର ମେହେର, ସହକାରୀ ଯନ୍ତ୍ରୀ ଅଞ୍ଜନ କୁମାର ନାୟକ ପ୍ରମୁଖ ଜିଲାପାଳଙ୍କ ପରିଦର୍ଶନ ବେଳେ ଉପସ୍ଥିତ ଥିଲେ। ପରେ ଜିଲାପାଳ ପଞ୍ଚାୟତ ଭୋଟ୍ ପାଇଁ ହୋଇଥିବା ସ୍ଥାନୀୟ ବୁଥ୍ ନଂ-୧ ଓ ୨କୁ ବୁଲି ଦେଖିଥିଲେ।

## ସଂକ୍ଷେପରେ

### ଡମ୍ଫର ଧକ୍କାରେ ଓଲଟିଲା ବୋଲେରୋ, ବର୍ତ୍ତିଲେ ୭ ଯାତ୍ରୀ



**ଲୋଇସିଂହା,୧୦।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଛକରେ ବୁଧବାର ବିଳମ୍ବିତ ରାତିରେ ବେଦାନ୍ତ କମ୍ପାନୀର ଡମ୍ଫର ଧକ୍କାରେ ଏକ ବୋଲେରୋ ଓଲଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୭ଜଣ ଯାତ୍ରୀ ଆହତ ହୋଇଛନ୍ତି। ଲୋଇସିଂହା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଆହତମାନଙ୍କୁ ସେମାନଙ୍କ ଘରକୁ ପଠାଇ ଦିଆଯାଇଛି। ଆହତ ଯାତ୍ରୀମାନେ ଲୋଇସିଂହାର ବୋଲି ଜଣାପଡିଛି। ସୂଚନାମତେ ଲୋଇସିଂହାର ୧୦ଜଣ ଯାତ୍ରୀ ବୋଲେରୋ(ଓଆର୦୩ଜି ୬୯୭୬)ରେ ପୁଇଁତଲା ଥାନା ରଣ୍ଡା ଗ୍ରାମରେ ଏକ ବିବାହରେ ଯୋଗଦେଇ ବିଳମ୍ବିତ ରାତିରେ ଘରକୁ ଫେରୁଥିଲେ। ଗ୍ୟାରେଜ ଛକରେ ୨ଜଣଙ୍କୁ ଓହ୍ଲାଇଲା ପରେ ବ୍ଲକ ଛକରେ ଜଣେ ଓହ୍ଲାଇଥିଲେ। ଏହି ସମୟରେ ବଲାଙ୍ଗୀର ପଟରୁ ଆସୁଥିବା ଡମ୍ଫର ପଛପଟୁ ଧକ୍କା ଦେଇ ଦ୍ରୁତଗତିରେ ପଳାଇଥିଲା। ଧକ୍କା ଏତେ ଏତେ ଜୋରରେ ଥିଲା ଯେ ବୋଲେରୋର ଉପରମୁହାଁ ହୋଇ ଓଲଟି ପଡିଥିଲା। ଫଳରେ ଗାଡିରେ ଥିବା ୭ଜଣ ଯାକ ଗାଡି ଭିତରେ ରହିଯାଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନରେ ଭର୍ତ୍ତି କରିଥିଲେ ।

# ପଡ଼ିରହିଛି ୬ହଜାର ବସ୍ତାରୁ ଅଧିକ ଧାନ

**ଅମରପାଲି,୧୦।୨(ଡି.ଏନ.ଏ.)**

**ଜଟେସିଙ୍ଗା ମଣ୍ଡି**
- ମିଲର୍ସଙ୍କ ମନମାନି , ଉଠୁନି ଚାଷୀଙ୍କ ଧାନ
- ବିଭାଗୀୟ ଅଧିକାରୀ-ଚାଷୀ ଆଲୋଚନା



ଜଟେସିଙ୍ଘା ମଣ୍ଡିରେ ବିଭାଗୀୟ ଅଧିକାରୀ ।

ମିଲର୍ସଙ୍କ ମନମାନୀ ଯୋଗୁ ମଣ୍ଡିରୁ ଉଠୁନି ଧାନ। ଫଳରେ ମଣ୍ଡିରେ ପଡିରହିଛି ହଜାର ହଜାର ବସ୍ତା ଧାନ। ଚାଷୀ ଦିନରାତି ମଣ୍ଡିରେ ନିଜ ଧାନକୁ ଜଗି ବସିଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଜଟେସିଙ୍ଘା ମଣ୍ଡିରେ। ପ୍ରାୟ ୧୩୦ ଜଣ ଚାଷୀଙ୍କ ୧୫ ହଜାରରୁ ଅଧିକ କୁଇଣ୍ଟାଲ ଧାନ ଉଠୁ ନ ଥିବା ଅଭିଯୋଗ ହୋଇଛି। ଏନେଇ ମଣ୍ଡିରେ ଗୁରୁବାର ଚାଷୀଙ୍କ ଅସନ୍ତୋଷ ଯୋଗୁ ଅଚଳାବସ୍ଥା ଦେଖାଦେଇଥିଲା। ଏବେ ଉକ୍ତ ମଣ୍ଡିରେ ୬ ହଜାର ବସ୍ତାରୁ ଅଧିକ ଧାନ ପଡିରହିଛି।

ସୂଚନା ଅନୁସାରେ, ଉକ୍ତ ମଣ୍ଡିରେ ପ୍ରାୟ ୭୬୦ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ବର୍ତ୍ତମାନ ପର୍ଯ୍ୟନ୍ତ ୫୬୬ ଜଣ ଧାନ ବିକ୍ରି କରି ସାରିଛନ୍ତି। ମଣ୍ଡିରୁଧାନକିଣିବା ପାଇଁପ୍ରାୟ ୧୦ଟିମିଲର୍ସଙ୍କୁ ଅନୁମତି ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୫ ମିଲର୍ସ ଧାନ କିଣି ସାରିଛନ୍ତି। ମୋଟ ୨୮ହଜାର ୪୪୮କୁଇଣ୍ଟାଲ ଧାନ କିଣା ଟାର୍ଗେଟ ଥିବା ବେଳେ ଆଜି ପର୍ଯ୍ୟନ୍ତ ୨୩ ହଜାର ୪୫୩.୬୨ କୁଇଣ୍ଟାଲ ଧାନ କିଣା ସରିଛି। ମାତ୍ର ଚନ୍ଦ୍ରମା ମିଲର୍ସ ପକ୍ଷରୁ ୬ଶହ କୁଇଣ୍ଟାଲ, ଜଗଦମ୍ବାର ୧୫ଶହ କୁଇଣ୍ଟାଲ, ଜୟଲକ୍ଷ୍ମୀ ଫୁଡ ପ୍ରସେସିଙ୍ଗର ୫ଶହ କୁଇଣ୍ଟାଲ, ଶିବଶକ୍ତିର ୫ ଶହ କୁଇଣ୍ଟାଲ ଓ ମାଁ ବ୍ରାହ୍ମଣୀ ମିଲର୍ସ ପକ୍ଷରୁ ୨ହଜାର ୯୬୬ କୁଇଣ୍ଟାଲ ଧାନ କିଣା ହେଉନାହିଁ। ଟାର୍ଗେଟ ଥିଲେ ମଧ୍ୟ ମିଲର୍ସ ମନମାନୀ ଯୋଗୁ ଧାନ ଉଠୁ ନ ଥିବା ଅଭିଯୋଗ ହେଉଛି। ମଣ୍ଡିରୁ ଧାନ ଉଠୁ ନ ଥିବା ଖବର ପାଇ ଗୁରୁବାର ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ସ୍ଥାନୀୟ ତହସିଲଦାର ବିବୁଦ୍ଧ ଗଡନାୟକ,ସହକାରୀ ଯୋଗାଣ ଅଧିକାରୀ ଲଳିତ ମୋହନ ପଟ୍ଟନାୟକ, ସହକାରୀ ଉପନିବନ୍ଧକ ଗଜେନ୍ଦ୍ର ପଣ୍ଡା, ଆରଏମସି ସମ୍ପାଦକ କାର୍ତ୍ତିକ ନାୟକ ଓ ବ୍ଲକ ଯୋଗାଣ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ରାଉତ ପ୍ରମୁଖ ଉକ୍ତ ମଣ୍ଡିକୁ ଯାଇ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଚାଷୀ ବିନା କଟ୍‌ନୀ ଛଟନୀରେ ମଣ୍ଡିରୁ ଧାନ ଉଠାଇବାକୁ ଦାବି କରିଥିଲେ। ଅଧିକାରୀମାନେ ମଣ୍ଡିରୁ ଧାନ ଉଠିବାର ପ୍ରତିଶ୍ରୁତି ଦେଇଥିଲେ। ଏନେଇ ବ୍ଲକ ଯୋଗାଣ ଅଧିକାରୀ ରାଉତଙ୍କୁ ପଚାରିବାରୁ ମଣ୍ଡି ବନ୍ଦ ହେବାର ସମୟ ହୋଇ ଆସୁଥିବାରୁ ମଣ୍ଡିକୁ ଗାଡି ଆସି ଧାନ ଉଠିବାର ବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ।

# ଭୋଟ ବର୍ଜନ କରିବେ ଦମଣ୍ଡା ୱାର୍ଡବାସୀ



ବୈଠକରେ ଉପସ୍ଥିତ ଗ୍ରାମବାସୀ ।

**ବୌଦ୍ଧ,୧୦।୨(ସ୍ୱ.ପ୍ର.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବୌଦ୍ଧ ଜିଲାରେ ରାଜନୀତି ସରଗରମ ହେବାରେ ଲାଗିଛି । ନେତାମାନେ ଭୋଟରଙ୍କୁ ଆକୃଷ୍ଟ କରିବାକୁ ବିଭିନ୍ନ ଗାଁରେ ଘରକୁ ଘର ଯାଇ ପ୍ରଚାର ଜୋରଦାର କରିଛନ୍ତି । ସେହିପରି ଗାଁଗୁଡିକରେ ଭୋଜି ଭାତ କରି ଭୋଟରଙ୍କୁ ନିଜ ସପକ୍ଷରେ ଆଣିବା ପାଇଁ ପ୍ରୟାସ ଚାଲିଛି । ବୌଦ୍ଧ ବ୍ଲକ ଟିକରପଡା ପଞ୍ଚାୟତ ଦମଣ୍ଡା ୱାର୍ଡବାସୀ ଗ୍ରାମର ବିକାଶ ନାହିଁ ତ ଭୋଟ ନାହିଁ ବୋଲି କହିବା ସହ ଭୋଟ ବର୍ଜନ ନିଷ୍ପତ୍ତି ନେଇଥିବା ଜଣାପଡିଛି।

ପ୍ରକାଶ ଯେ, ବୌଦ୍ଧ ବ୍ଲକର ଟିକରପଡା ପଞ୍ଚାୟତ ବଣ ପାହାଡ ମଧ୍ୟରେ ଅବସ୍ଥିତ। ଏହି ପଞ୍ଚାୟତର ଦମଣ୍ଡା ଗ୍ରାମ ୧୩ ନଂ ୱାର୍ଡରେ ଅର୍ନ୍ତଭୁକ୍ତ ଥିବା ବେଳେ ଏଠାରେ ପ୍ରାୟ ୬୦୦ ଲୋକ ବସବାସ କରୁଛନ୍ତି। ଏହି ଗ୍ରାମ ବିଭିନ୍ନ ସମସ୍ୟାରେ ବୁଡି ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମରେ ବିଦ୍ୟାଳୟ ନ ଥିବାରୁ ଅଧିକାଂଶ ପିଲା ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି। ଭଲ ରାସ୍ତା ନ ଥିବାରୁ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଗ୍ରାମକୁ ଯିବା ରାସ୍ତାରେ ଏକ ନାଳ ପଡୁଥିବାରୁ ପୋଲ ନିର୍ମାଣ ପାଇଁ ଦାବି ହୋଇ ଆସୁଛି। କିନ୍ତୁ ଏ ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ ବର୍ଷାଦିନେ ହନ୍ତସନ୍ତ ହେବାକୁ ପଡୁଛି। ଖରାଦିନେ ପାନୀୟ ଜଳ ମୁଖ୍ୟ ସମସ୍ୟା ହୋଇଥାଏ। ଗାଁର ଉପରୋକ୍ତ ସମସ୍ୟା ଦୂର କରା ନ ଗଲେ ଭୋଟ ବର୍ଜନ କରିବାକୁ ବାଧ୍ୟ ହେବୁ ବୋଲି ବୁଧବାର ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଗୁରୁବାର ଉକ୍ତ ୧୩ନଂ ୱାର୍ଡ ଅନ୍ତର୍ଗତ ଦମଣ୍ଡା, ସାଲଦରଙ୍ଗା, ଲକଡପାଡୁ, ନୂଆସାହି, କୁମନାଲି ଏବଂ ଉକ୍ତ ଅଞ୍ଚଳର ଅପହଞ୍ଚ ଗ୍ରାମ ଗୁରୁଜୀମୁଣ୍ଡା, ଶାସନମୁଣ୍ଡା, ଲିମଖୋଲି ଗ୍ରାମବାସୀ ଗୁରୁଜୀମୁଣ୍ଡା କେନ୍ଦୁପତ୍ର ଫଡି ଘରେ ଏକ ବୈଠକ କରି ଗାଁର ବିକାଶ ନାହିଁ ତ ଭୋଟ ନାହିଁ ବୋଲି ନିଷ୍ପତ୍ତି ଗ୍ରହଣ କରିଥିବା ଜଣାଯାଇଛି।

# ୨୫, ୪୫୩ ଶିଶୁଙ୍କୁ ଦିଆଯିବ କୃମିନାଶକ ଔଷଧ

**ବରଗଡ଼ ଅଫିସ୍,୧୦।୨:** ବରଗଡ଼ ଜିଲାରେ ଶିଶୁଙ୍କୁ କୃମିନାଶକ ଔଷଧ ପ୍ରଦାନ କାର୍ଯ୍ୟକ୍ରମ ଗୁରୁବାରଠାରୁ ଆରମ୍ଭ ହୋଇଛି। ୧ରୁ ୨ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ପ୍ରଥମେ ଏହା ପ୍ରଦାନ କରାଯାଉଛି। ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ ଘର ଘର ବୁଲି ଶିଶୁମାନଙ୍କୁ କୃମି ନାଶକ ବଟିକା ପ୍ରଦାନ କରୁଛନ୍ତି। ୧ରୁ ୨ବର୍ଷ ଶିଶୁଙ୍କ ପାଇଁ ଏହି କାର୍ଯ୍ୟକ୍ରମ ୭ଦିନ ଅର୍ଥାତ୍ ଆସନ୍ତା ୧୬ତାରିଖ ପର୍ଯ୍ୟନ୍ତ ଚାଲିବ। ତଦୂର୍ଦ୍ଧ୍ୱ ଶିଶୁଙ୍କୁ ମାର୍ଚ୍ଚ ମାସରେ ଫାଇଲେରିଆ ଔଷଧ ସହିତ କୃମି ନାଶକ ଔଷଧ ପ୍ରଦାନ କାର୍ଯ୍ୟକ୍ରମ ରହିଥିବା ଜିଲା ସ୍ୱାସ୍ଥ୍ୟ ସମିତିର ଡିପିଏମ୍ ଶଙ୍କର ଆଚାର୍ଯ୍ୟ ସୂଚନା ଦେଇଛନ୍ତି ।

ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଜିଲାର ୨୫,୪୫୩ ଜଣ ଶିଶୁ (୧ରୁ ୨ବର୍ଷ)ଙ୍କୁ ଏହି ଔଷଧ ଦିଆଯିବା ଲକ୍ଷ୍ୟ ରହିଛି। ଅମ୍ବାଭୋନା ବ୍ଲକରେ ୧୧୧୮, ଅତାବିରା ୨୮୯୬, ବରଗଡ଼ ୨୭୬୭, ବରପାଲି ୨୨୯୭, ଭଟଲି ୧୬୦୫ ଓ ଭେଡ଼େନ ବ୍ଲକରେ ୨୩୧୨ ଶିଶୁ ରହିଛନ୍ତି। ସେହିପରି ବିଜେପୁର ବ୍ଲକରେ ୧୮୧୧, ଗାଇସିଲେଟ ୧୪୯୯, ଝାରବନ୍ଧ ୧୩୦୯, ପଦ୍ମପୁର ୧୮୮୮, ପାଇକମାଳ ୧୮୯୦ ଏବଂ ସୋହେଲା ବ୍ଲକରେ ୨୩୭୨ଶିଶୁ ରହିଛନ୍ତି। ଏହାସହିତ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ୨୯୨, ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ୧୩୯୭ଶିଶୁଙ୍କୁ କୃମିନାଶକ ଔଷଧ ପ୍ରଦାନ ଲକ୍ଷ୍ୟ ରହିଛି। ଦେଶଭଟଲି ମହିଳା ସ୍ୱାସ୍ଥ୍ୟକର୍ମୀ ଲୀଳାବତୀ ପଟେଲ, ଆଶାକର୍ମୀ ମୁକ୍ତା ଦନ୍ତା, ଅଙ୍ଗନୱାଡ଼ି କର୍ମୀ ରୀନା ଦନ୍ତା, ଜ୍ୟୋତ୍ସ୍ନାମୟୀ ଛୁରିଆ ପ୍ରମୁଖ ଉଦେପୁର ଗ୍ରାମରେ ଗୁରୁବାର ଶିଶୁଙ୍କୁ କୃମିନାଶକ ଔଷଧ ଦେଇଥିବା ଆମ ଅତାବିରା ପ୍ରତିନିଧି ସୂଚନା ଦେଇଛନ୍ତି।

# ବିଜେଡିରେ ମିଶିଲେ କଂଗ୍ରେସ, ଭାଜପା ନେତୃବୃନ୍ଦ

**ସୋନପୁର,୧୦।୨(ନି.ପ୍ର):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ଧର୍ମଶାଳା ହାଇସ୍କୁଲ ପଡିଆରେ ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବୀରମହାରାଜପୁର ବିଧାୟକ ତଥା ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ । ଜିଲା ପରିଷଦ ପ୍ରାର୍ଥୀ ଝସକେତନ ବଘାର, ବିହାରୀ ଲାଲ ମିଶ୍ର, ମୁଣ୍ଡୋଘାଟ ପଞ୍ଚାୟତ ସରପଞ୍ଚ ରଞ୍ଜିତା ଭୋଇ ଓ ବ୍ଲକ ଯୁବ ବିଜେଡି ସଭାପତି ସୋମନାଥ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। କୃତ୍ତିବାସ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଗୋବିନ୍ଦ ମିଶ୍ର, ପ୍ରାକ୍ତନ ମୁଣ୍ଡୋଘାଟ ସରପଞ୍ଚ କବିତା ଜଗଦଲା, ଭାଜପା ନେତା ତଥା ପ୍ରାକ୍ତନ ସମିତି ସଭ୍ୟ ରବି ସେଠୀ, କଳାପଥର ପଞ୍ଚାୟତର ସନ୍ତୋଷ ମେଣ୍ଡିଲି, ସଞ୍ଜୟ ବଘାର, ସନ୍ତୋଷ ମହାପାତ୍ର ଓ ପ୍ରକାଶ ମହାକୁର ପ୍ରମୁଖ ଶତାଧିକ ସମର୍ଥକଙ୍କ ସହିତ ବିଜେଡିରେ ଯୋଗ ଦେଇଥିଲେ। ମନ୍ତ୍ରୀ ବେହେରା ଅନ୍ୟ ଦଳରୁ ଆସି ବିଜେଡିରେ ଯୋଗ ଦେଇଥିବା ନେତୃବୃନ୍ଦଙ୍କୁ ସ୍ୱାଗତ କରିବା ସହ ଏହାଦ୍ୱାରା ଉଲୁଣ୍ଡା ବ୍ଲକରେ ଦଳ ଆହୁରି ସୁଦୃଢ ହେବ ବୋଲି କହିଥିଲେ। ଛାତ୍ର ବିଜେଡି ନେତା ଅମୀୟ ରଞ୍ଜନ ଦାଶ, କୃତ୍ତିବାସ ଚାନ୍ଦ ଓ ଅଭିଷେକ ଶର୍ମା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ଅବକାରୀ ଧରପଗଡ଼: ଜଣେ ଗିରଫ

**ବରପାଲି/ପଦ୍ମପୁର,୧୦।୨**

ପଞ୍ଚାୟତ ଭୋଟ୍ ପୂର୍ବରୁ ବରଗଡ଼ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ପୋଲିସ ପକ୍ଷରୁ ଅବକାରୀ ଧରପଗଡ଼ ଚାଲିଛି। ବରପାଲି ନିକଟସ୍ଥ ଅମାମୁଣ୍ଡା, ତେଜଙ୍ଗ ଅଞ୍ଚଳରେ ପୋଲିସ ଓ ଅବକାରୀ ବିଭାଗ ମିଳିତ ଭାବେ ଚଢ଼ାଉ କରି ୧୦କୁଇଣ୍ଟାଲ ମହୁଲ ପୋଚ ଜବତ କରିଛନ୍ତି। ମାତ୍ର ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇପାରିନାହାନ୍ତି। ସେହିପରି ପଦ୍ମପୁର ଥାନା ପୋଲିସ ଚାରପାଲି ଅଞ୍ଚଳରେ ଚଢ଼ାଉ କରି ଏକ ବାଇକ୍ (ନଂ.ଓଡ଼ି୧୭କେ/୦୩୫୫) ଏବଂ ୫୦ଲିଟର ଦେଶୀମଦ ଜବତ କରିଛି। ଏହି ଘଟଣାରେ ପୋଲିସ ଚାରପାଲି ଗ୍ରାମର ସୁଶାନ୍ତ ବେହେରା(୩୦)ଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅନ୍ୟ ଜଣେ ସୁନ୍ଦର ମୋହନ ବେହେରା(୪୦) ଦୌଡ଼ି ପଳାଉଥିବା ବେଳେ ତଳେ ପଡ଼ିଯିବାରୁ ଆହତ ହୋଇଥିଲେ। ତାଙ୍କୁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

### ଜୁନାଗଡ଼ ଏନ୍ଏସି ପାଇଁ ନୂଆ ଭୋଟର ତାଲିକା

**ଜୁନାଗଡ,୧୦।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ଏନ୍ଏସିର ୧୨ଟି ୱାର୍ଡ ପାଇଁ ଗୁରୁବାର ଚଳିତବର୍ଷର ନୂଆ ଭୋଟର ତାଲିକା ପ୍ରକାଶ ପାଇଛି। ଏହି ଉପଲକ୍ଷେ ଜୁନାଗଡ ଏନ୍ଏସି କାର୍ଯ୍ୟାଳୟଠାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ। ପୂର୍ବରୁ ୧୨ ୱାର୍ଡରେ ୧୫ଟି ବୁଥ୍ ରହି ଥିଲା। ଏଥର ୧୨ ୱାର୍ଡରେ ୧୮ଟି ବୁଥ୍ କରାଯାଇଛି। ସର୍ବଦଳୀୟ ବୈଠକରେ ଏନ୍ଏସିର ନିର୍ବାଚନ ଅଧିକାରୀ ଭାବେ ତହସିଲଦାର ବେଦବ୍ୟାସ ଭୋଇ,ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର ଉପସ୍ଥିତ ରହି ବିଭିନ୍ନ ଦଳର ନେତାଙ୍କୁ ନୂଆ ଭୋଟର ତାଲିକା ପ୍ରଦାନ କରିଥିଲେ। ସେହିପରି ଏନ୍ଏସିର ୧୨ଟି ୱାର୍ଡର ବିଭିନ୍ନ ସ୍ଥାନରେ ମଧ ନୂତନ ଭୋଟର ତାଲିକା ଟଙ୍ଗା ଯାଇଛି। ଯଦି ଏହି କାର୍ଡରେ କାହାର କୌଣସି ତ୍ରୁଟି ଥାଏ ତାହାହେଲେ ସେମାନେ ଏନ୍ଏସି କାର୍ଯ୍ୟାଳୟକୁ ଆସି ସଂଶୋଧନ କରିପାରିବେ ବୋଲି ଜଣାପଡିଛି। ନୂତନ ଭୋଟର ତାଲିକା ପ୍ରକାଶିତ ହେବା ପରେ ଏକପ୍ରକାର ଜୁନାଗଡ ଏନ୍ଏସି ନିର୍ବାଚନ ବିଗୁଲ ବାଜିଥିବା ସାଧାରଣରେ ଚର୍ଚ୍ଚା ହେଉଛି।

### ବଲାଙ୍ଗୀର ଜିଲାରେ ସକାଳ ୮ରୁ ଅପରାହ୍ନ ୫ଟା ଯାଏ ବିଦ୍ୟୁତ୍ କାଟ

**ସମ୍ବଲପୁର,୧୦।୨(ବ୍ୟୁରୋ):** ଟିପିଡବ୍ଲୁଓଡିଏଲ୍ ବିଦ୍ୟୁତ୍ ଗ୍ରାହକମାନଙ୍କ ସମସ୍ୟା ଦୂର କରିବାକୁ ପ୍ରାଥମିକତା ଦେଇ ସବ୍‌ଷ୍ଟେଶନ ମରାମତି କାର୍ଯ୍ୟ କରୁଛି। ଏହି କ୍ରମରେ ଶୁକ୍ରବାର ଓପିଟିସିଏଲ୍‌ର ୧୩୨/୩୩ କେଭି ପାଟଣାଗଡ ଓ ପୁରୁଣା ବଲାଙ୍ଗୀର ସବ୍‌ଷ୍ଟେଶନରେ ବାର୍ଷିକ ମରାମତି କାର୍ଯ୍ୟ କରାଯିବ। ତେଣୁ ଟିଟିଲାଗଡ ବିଦ୍ୟୁତ୍ ଡିଭିଜନ ଅଧୀନ ପାଟଣାଗଡ, ଖପ୍ରାଖୋଲ, ଲାଠୋର, ବେଲପଡା, ଲରମ୍ବା, ଜରିଆ ଅଞ୍ଚଳରେ ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ସେହିପରି ବଲାଙ୍ଗୀର ବିଦ୍ୟୁତ୍ ଡିଭିଜନ ଅଧୀନସ୍ଥ ବଲାଙ୍ଗୀର ସହର, ଲୋଇସିଂହା ବ୍ଲକ, ବଲାଙ୍ଗୀର ସଦର ସବ୍‌ଡିଭିଜନ ୧ ଓ ୨ ଅନ୍ତର୍ଗତ ଲୋଇସିଂହା ଏବଂ ଚେରୁପାଲି ସେକ୍ସନ ଅଞ୍ଚଳରେ ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଗ୍ରାହକମାନେ ସହଯୋଗ କରିବାକୁ କମ୍ପାନୀର କର୍ପୋରେଟ କମ୍ୟୁନିକେଶନ ଏବଂ ସହକାରୀ ସମ୍ପର୍କ ଅଧିକାରୀ ମନୋଜ ପଟ୍ଟନାୟକ ପ୍ରେସ ବିବୃତ୍ତିରେ ଅନୁରୋଧ କରିଛନ୍ତି।

# ପୁସ୍ତକ ଦୀପ୍ତି ଓ ଦିଗନ୍ତ ଉନ୍ମୋଚିତ



କବି ସଞ୍ଜୟ କୁମାର ମିଶ୍ରଙ୍କ କବିତା: ଦୀପ୍ତି ଓ ଦିଗନ୍ତ ଉନ୍ମୋଚନ କରାଯାଉଛି।

**ବଲାଙ୍ଗୀର ଅଫିସ, ୧୦।୨:** ବଲାଙ୍ଗୀର ବୀଣାପାଣି ପ୍ରକାଶନ କାର୍ଯ୍ୟାଳୟରେ କବି ସନ୍ଦୀପ କୁମାର କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁଜିତ କୁମାର ଶତପଥୀଙ୍କ ଲିଖିତ ଆଲୋଚନା ପୁସ୍ତକ କବି ସଞ୍ଜୟ କୁମାର ମିଶ୍ରଙ୍କ କବିତା: ଦୀପ୍ତି ଓ ଦିଗନ୍ତ ବୁଧବାର ଉନ୍ମୋଚିତ ହୋଇଛି। କବି ସଞ୍ଜୟଙ୍କ କବିତାର ସାମଗ୍ରିକ ଦିଗକୁ ନେଇ ଏହି ଆଲୋଚନା ପୁସ୍ତକ ସମୟର ଆବଶ୍ୟକତା। ତେଣୁ ଏହିପରି ଆଲୋଚନା ଆମ ଅଞ୍ଚଳର ସାରସ୍ୱତ ପରମ୍ପରାକୁ ପୁଷ୍କଳ କରିବ ବୋଲି ଆଲୋଚକମାନେ ମତ ଦେଇଥିଲେ। କବି ସୁଜିତଙ୍କ ଦ୍ୱାରା ଲିଖିତ ଏହି ପୁସ୍ତକରେ ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତାଙ୍କ ଅକଳିତ ଆକଳନ ଏବଂ ପ୍ରଫେସର ଡ. ଆଦିକନ୍ଦ ସାହୁଙ୍କ ଆପଣାକୁ ଯିଏ ବ୍ୟକ୍ତ କରେ ସେ ହିଁ ସୁଲେଖକ ନାମକ ଦୁଇଟି ଆଲୋଚନା ମଧ୍ୟ ପ୍ରକାଶିତ ହୋଇଛି। କାର୍ଯ୍ୟକ୍ରମରେ ଅଧାପକ କୌତୁକ ପନ୍ଦର, କବି ଜ୍ୟୋତି ରଞ୍ଜନ ମିଶ୍ର, ଡ. ଜଗନ୍ନାଥ ସାହୁ, ଗଣେଶ ବାରିକ, ରତ୍ନମୟ ତ୍ରିପାଠୀ, ମଧୁସୂଦନ ନେଗୀ, ଅନନ୍ତ ବିଶ୍ୱାଳ, ମୃଗେଶ ବୈଷ୍ଣବ ପାଣିଗ୍ରାହୀ, ଅରୁଣ ଖୁଆସ, ଶିକ୍ଷକ ରଞ୍ଜିତ ମିଶ୍ର ଯୋଗଦେଇଥିଲେ। ପ୍ରକାଶକ ଅଜିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ବଜରଙ୍ଗବଲି କ୍ରିକେଟ: ରେ.ବଡ଼ମାଲ ଚାମ୍ପିୟନ



ଅତିଥିଙ୍କ ଗହଣରେ ଟ୍ରଫି ସହିତ ଚାମ୍ପିୟନ ରେ.ବଡମାଲ ଦଳର ଖେଳାଳିମାନେ।

**ଅମରପାଲି,୧୦।୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଗୌଡଗାଡ ଗ୍ରାମର ନୂତନ ଖେଳ ପଡିଆରେ ଚାଲିଥିବା ୨ୟ ଜୟ ବଜରଙ୍ଗବଳି କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଲୁତୁରପଙ୍କୁ ହରାଇ ରେ.ବଡମାଲ ଚାମ୍ପିୟନ ହୋଇଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି ଏବଂ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ, ବହଳପଦର ସେବା ସମବାୟ ସମିତି ସମ୍ପାଦକ ପ୍ରଫୁଲ୍ଲ ଦନ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଫାଇନାଲ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚରେ ଲୁରୁତପଙ୍କ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮ଉଇକେଟ ହରାଇ ୮୯ ରନ କରିଥିଲା। ଦଳର ବଶିଷ୍ଠ ମଲ୍ଲିକ ସର୍ବାଧିକ ୨୫ ରନ ଓ ସତ୍ୟ ମହାକୁର ୨୪ରନ କରିଥିଲେ। ବଡମାଲର ଶୁଭମ ୩ଟି ଏବଂ ପଞ୍ଚା ଓ ସୁରୀ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବଡମାଲ ଦଳ ଆବଶ୍ୟକ ୯୦ରନକୁ ୯.୪ ଓଭରରେ ୭ ଉଇକେଟ ହରାଇ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ପ୍ରାଣବନ୍ଧୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଦୁର୍ଜନତୈଲା ସରପଞ୍ଚ ରଞ୍ଜିତ ଖେତି ମୁଖ୍ୟଅତିଥି ଏବଂ ବହଳପଦର ସମିତି ସଭ୍ୟ ପୀତାମ୍ବର ସାହୁ, ଗ୍ରାମ୍ୟ ପରିଚାଳନା କମିଟି ଉପଦେଷ୍ଟା ଶରତ ଚନ୍ଦ୍ର ବସ୍ତିଆ, ୱାର୍ଡ ସଭ୍ୟ ମଧୁସୂଦନ ସାହୁ, ଚଞ୍ଚଳ ବସ୍ତିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବଡମାଲର ସୁରେନ ଦାସଙ୍କୁ ଶ୍ରେଷ୍ଠ ସିକ୍ସର, ଶୁଭମ ସେଠଙ୍କୁ ଶ୍ରେଷ୍ଠ ବୋଲର, ସୁରେନ ଦାସଙ୍କୁ ଶ୍ରେଷ୍ଠ ବ୍ୟାଟସମ୍ୟାନ , ପିଙ୍କଲ ଦାସଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ସୁରେନ ଦାସଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ରେ.ବଡମାଲ ଦଳକୁ ନଗଦ ୯ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର୍ସ ଅପ ଲୁତୁରପଙ୍କ ଦଳକୁ ୬ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚକୁ ମାନସ ପଧାନ ଓ ଅରୁଣ ପଧାନ ପରିଚାଳନା କରିଥିଲେ। ରବି ଚମାର ସାହୁ ସ୍କୋରିଂ ଏବଂ ଶାନ୍ତନୁ ସୁମୁର୍ଥା ଧାରା ବିବରଣୀ ପ୍ରଦାନ କରିଥିଲେ।

**APPENDIX A TO SCHEDULE III**
**ଯୋଡ଼ା ପୌର ପରିଷଦ**
**ପ୍ରେସ ବିଜ୍ଞପ୍ତି**

No.C–1920:ଯୋଡା ପୌର ପରିଷଦ ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା ଯୋଡା ପୌର ପରିଷଦର କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା ସିଡ଼ିପିଓ ଆଇସିଡ଼ିଏସ ଯୋଡା ସହରାଞ୍ଚଳ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ, ତାଙ୍କର ନାମ ସଂପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରିନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରି ପ୍ରସ୍ତୁତ ହୋଇଥିବା ପୌର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ.III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ୍ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ ନଂ. IVରେ ଦରଖାସ୍ତ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସମ୍ପର୍କରେ ଆପତ୍ତି ଫାରମ ନଂ. IV ରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫାରମ ନଂ. III ଓ ଫାରମ ନଂ. IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ସ୍ୱା/–ନିର୍ବାଚନ ଅଧିକାରୀ
ଯୋଡ଼ା ପୌର ପରିଷଦ
OIPR-13124/11/0018/2122

**APPENDIX A TO SCHEDULE III**
**କୁଚିଣ୍ଡା ଅଧିସୂଚିତ କ୍ଷେତ୍ର ପରିଷଦ**
**ପ୍ରେସ୍ ବିଜ୍ଞପ୍ତି**

No.C–1904:କୁଚିଣ୍ଡା ଅଧିସୂଚିତ କ୍ଷେତ୍ର ପରିଷଦର ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା କୁଚିଣ୍ଡା ଅଧିସୂଚିତ କ୍ଷେତ୍ର ପରିଷଦର କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା କୁଚିଣ୍ଡା ଅଧିସୂଚିତ କ୍ଷେତ୍ର ପରିଷଦର କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ, ତାଙ୍କର ନାମ ସମ୍ପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରିନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରି ପ୍ରସ୍ତୁତ ହୋଇଥିବା ଅଧିସୂଚିତ କ୍ଷେତ୍ର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ.III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ୍ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ ନଂ. IVରେ ଦରଖାସ୍ତ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସମ୍ପର୍କରେ ଆପତ୍ତି ଫାରମ ନଂ. IV ର ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫାରମ ନଂ. III ଓ ଫାରମ ନଂ. IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ସ୍ୱା./–ନିର୍ବାଚନ ଅଧିକାରୀ
ଏନଏସି, କୁଚିଣ୍ଡା
OIPR-13121/11/0022/2122

**APPENDIX A TO SCHEDULE III**
**ଚମ୍ପୁଆ ଅଧିସୂଚିତ କ୍ଷେତ୍ର ପରିଷଦ/ପୌର ପରିଷଦ**
**ପ୍ରେସ ବିଜ୍ଞପ୍ତି**

No.C–1915: ଚମ୍ପୁଆ ଅଧିସୂଚିତ କ୍ଷେତ୍ର ପରିଷଦ/ପୌର ପରିଷଦର ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା ଚମ୍ପୁଆ ଅଧିସୂଚିତ କ୍ଷେତ୍ର ପରିଷଦ/ପୌର ପରିଷଦର କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା ଏନ.ଏ.ସି. କାର୍ଯ୍ୟାଳୟରେ ତାରିଖ ୧୦.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ, ତାଙ୍କର ନାମ ସଂପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରିନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରି ପ୍ରସ୍ତୁତ ହୋଇଥିବା ଅଧିସୂଚିତ କ୍ଷେତ୍ର ପରିଷଦ/ପୌର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ.III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ୍ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ ନଂ. IVରେ ଦରଖାସ୍ତ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସମ୍ପର୍କରେ ଆପତ୍ତି ଫାରମ ନଂ. IV ରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫାରମ ନଂ. III ଓ ଫାରମ ନଂ. IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ସ୍ୱା/–ନିର୍ବାଚନ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ,ଚମ୍ପୁଆ
OIPR-13157/11/0015/2122

**APPENDIX A TO SCHEDULE III**
**ବିନିକା ଅଧିସୂଚିତ କ୍ଷେତ୍ର ପରିଷଦ**
ନଂ.୩୬୦, ତା.୧୦.୦୨.୨୦୨୨
**ପ୍ରେସ ବିଜ୍ଞପ୍ତି**

No.C–1928:ବିନିକା ଅଧିସୂଚିତ କ୍ଷେତ୍ର ପରିଷଦ ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା ବିନିକା ଅଧିସୂଚିତ କ୍ଷେତ୍ର ପରିଷଦ କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା ଅଧିସୂଚିତ କ୍ଷେତ୍ର ପରିଷଦ ବିନିକାଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ, ତାଙ୍କର ନାମ ସଂପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି ନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରି ପ୍ରସ୍ତୁତ ହୋଇଥିବା ଅଧିସୂଚିତ କ୍ଷେତ୍ର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ.III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ୍ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ IVରେ ଦରଖାସ୍ତ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସମ୍ପର୍କରେ ଆପତ୍ତି ଫାରମ ନଂ. IV ରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫାରମ ନଂ. III ଓ ଫାରମ ନଂ. IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ସ୍ୱା/–ନିର୍ବାଚନ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ,ବିନିକା
OIPR-13198/11/0005/2122